Weekly Multilingual
ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
RNI Regd. No. :ODIMUL/2023/89182
Rs - 5.00
ଭାଗ:୨, ସଂଖ୍ୟା: ୦୭, ଭୁବନେଶ୍ୱର, ଡିସେମ୍ବର ୩୦, ୨୦୨୪-ଜାନୁୟାରୀ ୫-୨୦୨୫, Vol: 2, Issue: 07, Bhubaneswar, December 30, 2024, January 05-2025 Pages- 8

# ଅଧା ଗଡ଼ା କଟକ - କିଏ ସାଜିବେ ବାଇମୁଣ୍ଡି

*ବାଉନ ବଜାର ତେପନ ଗଳିର ସହର କଟକରେ ଏବେ ସବୁ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏକଦା ବନ୍ୟା ପାଣି ଦାଉରୁ କଟକ ସହରକୁ ରକ୍ଷା କରିବା ପାଇଁ ଅଣ୍ଟା ଭିଡିଥିଲେ ବାଇମୁଣ୍ଡି। ବିଡାନାସୀ ଗ୍ରାମର ପଥର କାରିଗର ବାଇଧର ମୁଣ୍ଡି ଓରଫ ବାଇମୁଣ୍ଡି ବନ୍ୟାରେ ଜର୍ଜରିତ କଟକ ସହରକୁ ଦେଖି ଦେଖି ବନ୍ୟା ବିପଦ ଟାଳିବା ନିମନ୍ତେ କଟକ ଚାରିପଟେ ଏକ ଉଚ୍ଚା ପଥର ବନ୍ଧ ଗଢ଼ିବା କଥା ଚିନ୍ତାକରି ନିଜ ରୋଜଗାରରୁ କିଛି କିଛି ପଇସା ଏକ ମୁଣାରେ ସଞ୍ଚୟ କରି କରି ଦିନେ ରାଜା ମର୍କତ କେଶରୀ ନଗର ପରିକ୍ରମା କରୁଥିବା ସମୟରେ ପହଞ୍ଚି ନିଜ ଅଭିଳାଷ କଥା ଜଣାଇଥିଲେ। ସେଦିନ ପ୍ରୌଢ଼ ବାଇମୁଣ୍ଡିଙ୍କ କଥା ଓ ଚିନ୍ତାଧାରା ରାଜାଙ୍କୁ ପ୍ରଭାବିତ କରିଥିଲା। ଯୋଜନା ମୁତାବକ ପଥର ବନ୍ଧ କାମ ଆରମ୍ଭ ହୋଇଗଲା ଆଉ କଟକ ସହର ବନ୍ୟା ଦାଉରୁ ବଞ୍ଚିଗଲା। ସାଂପ୍ରତିକ ସ୍ଥିତିରେ କଟକ ସହର, ବିଧାନସଭାରେ ତିନିଟି ରାଜନୈତିକ ଦଳର ପ୍ରତିନିଧିତ୍ୱରେ ଅଛି। ଏଭଳି ଅବସ୍ଥାରେ କଟକ ସହରକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ବାଇମୁଣ୍ଡି ଭଳି କିଏ ଆଗେଇ ଆସିବେ ? କଟକ ଚିନ୍ତା ବାଇମୁଣ୍ଡିଙ୍କୁ, ଆଉ ଏବେ କିଏ ସାଜିବେ ବାଇମୁଣ୍ଡି ? ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଭଏସ୍ ଅଫ୍ ଭିକ୍ଟିମ୍ସ ଟିମ୍ ର ଏକ ଆଲୋଚନା ।*

**ପରିକଳ୍ପନା : ଜ୍ଞାନ ରଂଜନ ମିଶ୍ର**
**ଉପସ୍ଥାପନା : କୈଳାସ ଚନ୍ଦ୍ର ଶତପଥୀ**

୧୦୦୦ବର୍ଷରୁ ଉର୍ଦ୍ଧ ଜଗନ୍ନାଥ ମନ୍ଦିର ମାଦଳା ପାଞ୍ଜିର ତଥ୍ୟ ଅନୁଯାୟୀ କେଶରୀ ବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ୯୮୯ ଖ୍ରୀ.ଅ’ରେ ଏକ ସେନା ଛାଉଣୀ ଭାବରେ କଟକ ସହରର ପ୍ରତିଷ୍ଠା ହୋଇଥିଲା। ପରେ ପରେ କୁଶଳୀ କାରିଗର ମାନଙ୍କର ସୁନା, ରୂପା ଓ ହାତୀ ଦାନ୍ତର ତାରକସି କାମ ସହ ଏହାର ସୂତା ଓ ରେଶମ ଲୁଗା ଶିଳ୍ପ କଟକକୁ ସାରା ବିଶ୍ୱରେ ଏକ ନିଆରା ମାନ୍ୟତା ଦେଇଥିଲା। ଲୋକେ ସିଲଭର ସିଟି କଟକ ବୋଲି ଆଖ୍ୟା ଦେଇଥିଲେ। ୧୯୬୮ ମସିହାରେ ଭୁବନେଶ୍ୱର ରାଜଧାନୀ ଘୋଷିତ ହେବା ପୂର୍ବରୁ ପ୍ରାୟ ନଅ ଶତାବ୍ଦୀ ଧରି କଟକ ଓଡ଼ିଶାର ରାଜଧାନୀ ରହିଥିଲା। ବ୍ୟବସାୟର ପ୍ରାଣକେନ୍ଦ୍ର କଟକ ସହରରେ, ଚୌଧୁରୀ ବଜାର ଲୁଗାପଟା ଓ ଅଳଙ୍କାର, ଯାଉଁଳିଆପଟି ଓ ହରିପୁର ରୋଡ ଲୁଗାପଟା, ବାଲୁବଜାର ବହିପତ୍ର ପ୍ରକାଶନ ସଂସ୍ଥା ଓ ଅଳଙ୍କାର, ନିମ୍-ଚଉଡ଼ି ଅଳଙ୍କାର, ମାଲ ଗୋଦାମ ଖାଦ୍ୟ ଶସ୍ୟ ଓ ମସଲା, ଛତ୍ର ବଜାର ପନିପରିବା, କଲେଜ ଛକ ଇଲେକ୍ଟ୍ରୋନିକ୍ସ ଓ ଘର ତିଆରି ସାମଗ୍ରୀ, ରାଣୀହାଟ ଓ ମଙ୍ଗଳାବାଗ୍ ଔଷଧ ଓ ଲୁଗାପଟା, ବକ୍ସି ବଜାର ନୂଆ ମଟର ଗାଡ଼ି, ତହିଁର ଯନ୍ତ୍ରପାତି ଓ ବୈଦୁ୍ୟତିକ ଉପକରଣ ବ୍ୟବସାୟର ପେଣ୍ଠ ସ୍ଥଳୀ ଭାବେ ପ୍ରସିଦ୍ଧି ଲାଭ କରିଥିଲା।

କଟକର ବାଲିଯାତ୍ରା ଓ ଦଶହରା ଦୁର୍ଗା ପୂଜା ଉତ୍ସବ ସାରା ବିଶ୍ୱରେ ଚର୍ଚ୍ଚିତ ହେଲା। ଏସବୁ ଭଲ ଚର୍ଚ୍ଚା ଭିତରେ ସରକାର ଓ ପ୍ରଶାସନର ଅବହେଳାରୁ କଟକ ନିକଟସ୍ଥ ଚୌଦ୍ୱାର ଓ.ଟି.ଏମ୍, ବଲାରପୁର କାଗଜ କଳ, ଲିବ୍ରା କାର୍ପେଟ୍ ଓ କଳିଙ୍ଗ ଟିଉବ୍ ଭଳି ବଡ ବଡ କଳ କାରଖାନା ବନ୍ଦ ହୋଇ ଲୋକଙ୍କ ଜୀବନ ଓ ଜୀବିକା ହରାଇବାର କାରଣ ବନିଲା। ଏକଦା ସବୁ ଦୃଷ୍ଟିକୋଣରୁ ଚର୍ଚ୍ଚିତ କଟକ ସହରର ସବୁଆଡ ଆଜି ଯେମିତି ଅଧାଅଧା ଲାଗୁଛି।

ମହାନଦୀ କୂଳରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓଡ଼ିଶାର ଏକ ପୁରାତନ ଓ ବୃହତ୍ ଡାକ୍ତରଖାନା। ଓଡିଶାର ପୁରପଲ୍ଲୀରେ ଏହା ବଡ ଡାକ୍ତରଖାନା ଭାବେ ପରିଚିତ। ଉପକୂଳ ଓଡ଼ିଶା ସମେତ ପଡୋଶୀ ପଶ୍ଚିମବଙ୍ଗର ଲୋକମାନେ ମଧ୍ୟ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ବିଜେଡି ସରକାର ଏହାକୁ ଏମ୍ସ ପ୍ଲସ୍ ମାନ୍ୟତା ଦେବା ପାଇଁ ଏଠାରେ ଅନେକ ପ୍ରକାର ଉନ୍ନୟନ ମୂଳକ ପଦକ୍ଷେପ ନେଇଥିଲେ। ଏବେ ଯେମିତି ତାହା ଅଧା ଗଡା ହେଇ ରହିଛି ଏବଂ କେବେ ସମ୍ପୂର୍ଣ ହେବ ବୋଲି ମନରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କଟକ ସହରର ସୁରକ୍ଷା ବଳୟ ରିଙ୍ଗ୍ ରୋଡ୍ ର ସମ୍ପ୍ରସାରଣ ନିମନ୍ତେ ପୂର୍ବ ସରକାର ୨୦୦ କୋଟି ଟଙ୍କାର ବ୍ୟୟ ମଞ୍ଜୁରୀ କରିଥିଲେ। ବିଡାନାସୀ ପଟରୁ କାମ ବି ଆରମ୍ଭ ହୋଇସାରଛି। ଏବେ କିନ୍ତୁ କାମ ଅତି ଧିମା ଗତିରେ ଚାଲିଛି। ତାହା ପୁଣି କେବେ ସରିବ ବୋଲି ସହରବାସୀ ଚିନ୍ତା ପ୍ରକଟ କଲେଣି।





ଜାଇକା ସ୍ୱରେଜ୍ ଓ ବକ୍ସ ଡ୍ରେନ୍ ଯନ୍ତ୍ରଣାରେ କଟକ ସହରବାସୀ ଜର୍ଜରିତ।ସାମାନ୍ୟ ଝିପିଝିପି ବର୍ଷାରେ କଟକ ସହରର ଅନେକ ଜାଗା ଜଳବନ୍ଦୀ। ଯାଇକା ସ୍ୱରେଜ୍ ଓ ବକ୍ସ ଡ୍ରେନ୍ କେବେ ସମ୍ପୂର୍ଣ ଭାବରେ କାର୍ଯ୍ୟକ୍ଷମ ହେବ ସେ ଚିନ୍ତାରେ ଚିନ୍ତିତ କଟକ ସହରବାସୀ।

ଶିଶୁ ଭବନ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର, ସିଟି ହସ୍ପିଟାଲ, କୁଷ୍ଠ ସେବାଶ୍ରମ ଓ ଚିକିତ୍ସାଳୟ ସବୁଠି ସବୁ କାମ ଏବେ ଅଧାପନ୍ତରିଆ ଅବସ୍ଥାରେ ରହିଛି। କେବେ ସରିବ ସେକଥା ସଭିଙ୍କୁ ଅଜଣା।

କଟକର ଆରାଧ ଦେବୀ ମା କଟକ ଚଣ୍ଡୀ ମନ୍ଦିରର ନୂତନ ପ୍ରକଳ୍ପ କାମର ସମୀକ୍ଷା କରି ମନ୍ତ୍ରୀ ମହାଶୟ ପ୍ରତିଶ୍ରୁତି ଦେଇଛନ୍ତି ଯେ ଆସନ୍ତା ଡ଼ିସେମ୍ବର ସୁଦ୍ଧା ଶ୍ରଦ୍ଧାଳୁ ମାନେ ଦେଖିବେ ନୂଆ ଚଣ୍ଡୀ ମନ୍ଦିର। ଦେଖାଯାଉ ସରକାରଙ୍କ ପ୍ରତିଶ୍ରୁତି କେତେଦୂର ଠିକ୍ ରହୁଛି।

କଟକ ପୌର ନିଗମ ଅଧିନରେ ଥିବା ଶହୀଦ ଭବନର ପୁନରୁଦ୍ଧାର ଓ ନବୀକରଣ ନିମନ୍ତେ ୪କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର ହୋଇ ୨୦୨୩ ବାହୁଡ଼ା ଯାତ୍ରାରେ ଶୁଭ ଦିଆଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସେ କାମ ଏବେ ମଧ୍ୟ ଅଧାରେ ଅଟକି ରହିଛି।ସାଧାରଣ ଲୋକେ ଅଳ୍ପ ଖର୍ଚ୍ଚରେ ସଭା ସମିତିର ଆୟୋଜନ କରିବା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ସେ କାମ କେବେ ସରିବ ତାହା ମଧ୍ୟ କଟକ ସହରବାସୀଙ୍କ ମନରେ ସୃଷ୍ଟି କରିଛି ପ୍ରଶ୍ନବାଚୀ। ସହର ଆଲୋକିକରଣ ବା ଷ୍ଟ୍ରିଟ୍ ଲାଇଟ୍ ଲାଗିବା ପାଇଁ ଦୁଇ କୋଟି ବୟାଅଶି ଲକ୍ଷ ଟଙ୍କାର ଟେଣ୍ଡର୍ ହେଇସାରିଛି କିନ୍ତୁ କାମ ସମ୍ପୂର୍ଣ ହୋଇ ନପାରି ଅଧାରେ ଅଟକିଛି। ସହରର ପ୍ରାୟ ଅନେକ ସ୍ଥାନ ରାତିରେ ଅନ୍ଧାର ରହୁଛି।

ଲୋକଙ୍କୁ ଅସ୍ତବ୍ୟସ୍ତ କଲାଣି ସତୀଚଉରା ଡମ୍ପିଂ ୟାର୍ଡ୍। ସହର ଭିତରୁ ଏହି ଡ଼ମ୍ପିଂ ୟାର୍ଡ୍ କୁ ହଟାଇବା ନିମନ୍ତେ କୋର୍ଟର ନିର୍ଦ୍ଦେଶ ଥିଲେ ମଧ୍ୟ ପ୍ରଶାସନ ଏହାକୁ ଏଠାରୁ ଉଠାଇ ପାରୁନାହିଁ। କେବେ ଉଠିବ ସେ ଉତ୍ତର ମଧ୍ୟ ପ୍ରଶାସନ ପାଖରେ ନାହିଁ।

କଟକ ସହର ଗଳି କନ୍ଦିରେ ବୁଲା କୁକୁର, ଗାଈ ଓ ଷଣ୍ଢଙ୍କ ଉପଦ୍ରବରେ କଲବଲ ହେଲେଣି ସହରବାସୀ। ବୁଲା କୁକୁରଙ୍କ



ସଂଖ୍ୟା ଏକ ଲକ୍ଷ ଟପିଥିବା ବେଳେ ଗାଈ ଓ ଷଣ୍ଢଙ୍କ ସଂଖ୍ୟା ୮୦ ହଜାରରୁ ଉର୍ଦ୍ଧ୍ୱ । ୨୦୦୪ ମସିହାରେ ସାର୍ତ୍ତୋଳ ଠାରେ ଆରମ୍ଭ ହୋଇଥିବା କୁକୁର ବନ୍ଧ୍ୟାକରଣ ଯୋଜନା ଏବେ କୋମାରେ। ୧୨ଲକ୍ଷ ଟଙ୍କାର ‘ଡଗ୍ କ୍ୟାନେଲ୍’ ଯୋଜନା ବି ଫେଲ୍ ମାରିଲାଣି। କେବେ ସରକାର ଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଧ୍ୟାନ ଦେବେ ସେ ଚିନ୍ତାରେ ସହରବାସୀ।

ରେଭେନ୍ସାକୁ ଦେଢଶ ବର୍ଷ ପୁରିଲାଣି। ମହାବିଦ୍ୟାଳୟ ରୁ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିଲେବି ଏଠାରେ ଅନେକ ସମସ୍ୟା ରହିଛି। ଶିକ୍ଷା, ଶିକ୍ଷକ ଓ ଭିତ୍ତିଭୂମିକୁ ବାଦ୍ ଦେଇ କେବଳ ନାମ ପରିବର୍ତ୍ତନ ଚର୍ଚ୍ଚା ହିଁ ମଝିରେ ଜୋର୍ ଧରିଥିଲା। ଏହି ଐତିହାସିକ ପୁରୁଣା କୋଠାର ସଂରକ୍ଷଣ **(ପୃଷ୍ଠା-୩)**

**ବନ୍ଧନ ପରିବାର ତରଫରୁ ଆପଣମାନଙ୍କୁ ନୂତନ ବର୍ଷ ୨୦୨୫ର ହାର୍ଦ୍ଦିକ ଅଭିନନ୍ଦନ**



# ସଂ ପା ଦ କୀ ୟ

## ଖାଇବାକୁ ହେଲେ ଶୁଣିବାକୁ ପଡ଼ିବ

ପୁସ୍ତକ ପାଠକାର୍ପଣ, ସାହିତ୍ୟ ସଭା, ଆଲୋଚନା ଚକ୍ର, ସମ୍ବର୍ଦ୍ଧନା ସଭା ଓ ସ୍ମୃତି ଚାରଣ ସଭା ଇତ୍ୟାଦି କାର୍ଯ୍ୟକ୍ରମ ସବୁର ବିବରଣୀ ବର୍ତ୍ତମାନ ଖବର କାଗଜ ପୃଷ୍ଠା ମଣ୍ଡନ କରୁଛି। କିନ୍ତୁ ପୁସ୍ତକ (କବିତା, ପ୍ରବନ୍ଧ, ଗଳ୍ପ ଓ ଉପନ୍ୟାସ) ଯାହାବି ହେଉ, ପ୍ରସ୍ତୁତ କରି ଲୋକାର୍ପଣ କରିବା ପାଇଁ ଲେଖକ ଜଣକୁ କେତେ ଯେ ପରିଶ୍ରମ କରିବାକୁ ପଡେ ତାହା ଜଣେ ଅଙ୍ଗେ ନିଭାଇ ନଥିବା ଲୋକ ଜାଣି ପାରିବ ନାହିଁ। ପୁସ୍ତକ ଉନ୍ମୋଚନ ଉତ୍ସବକୁ ବଡ ବଡ ଅତିଥିମାନେ ଆସି ସଭା ମଣ୍ଡନ କରିବା ସହିତ ପୁସ୍ତକର ସମୀକ୍ଷା କରି ବହି ପଢ଼ିବା ଓ କିଣିବା ଉପରେ ଅନେକ ପରାମର୍ଶ ଦିଅନ୍ତି। ସେଥି ସହିତ ଲେଖକ ଓ ପ୍ରକାଶକଙ୍କୁ ପ୍ରଶଂସାରେ ମଧ ପୋତିପକାନ୍ତି। ଯାହାର ପରିଚୟ ପରିସର ଯେତେ ବ୍ୟାପକ ସେହି ଅନୁସାରେ ସଭାଗୃହରେ ସେତେ ଉପସ୍ଥାନ ଦେଖିବାକୁ ମିଳିଥାଏ। ସବୁ ବର୍ଗ ଓ ବୟସର ଅତିଥିମାନଙ୍କୁ ଦେଖି ଆୟୋଜକ ମନେମନେ ଖୁସି ମଧ ହୋଇଥାଏ। ଗତ ରବିବାର ଦିନ ବନ୍ଧୁ ସତ୍ୟ ଦାସ'ଙ୍କର 'ମିଛ ଗପ' ବହିଟିର ଉନ୍ମୋଚନ ଉତ୍ସବକୁ କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭବନକୁ ମୁଁ ଯାଇଥିଲି। ଲେଖକଙ୍କ ନିମନ୍ତ୍ରଣ ରକ୍ଷା କରି ବଡ ବଡ ଅତିଥି ୫ଜଣ ସଭା ମଣ୍ଡନ କରିଥାନ୍ତି। ନିର୍ଦ୍ଧାରିତ ସମୟ ଠିକ୍ ସଂନ୍ଧ୍ୟା ୫ଟାରେ ସଭା କାର୍ଯ୍ୟ ଆରମ୍ଭ ହୋଇ ଯାଇଥାଏ । ସମୟ ଗଡିବା ସହିତ ସଭାଗୃହ ସମ୍ପୂର୍ଣ ଭାବରେ ଫୁଲ୍ ହୋଇ କିଛି ଅତିଥି ବାହାରେ ଛିଡ଼ା ହୋଇଥାନ୍ତି। ଏ ପ୍ରକାର ଭିଡରୁ ଲେଖକ ମହାଶୟଙ୍କ ଲୋକପ୍ରିୟତା ସ୍ପଷ୍ଟ ବାରି ହୋଇ ପଡୁଥାଏ। ଭିଡକୁ ଦେଖି ଆୟୋଜକ ମାନେ ଯନ୍‌ବାନ ହୋଇ ବାହାରେ ଛିଡ଼ା ହୋଇଥିବା ଅତିଥିମାନଙ୍କୁ ବସିବା ନିମନ୍ତେ ଚୌକି କିଛିର ବନ୍ଦୋବସ୍ତ କରୁଥାନ୍ତି। ଅଭିଜ୍ଞ ଓ ଖ୍ୟାତିସମ୍ପନ୍ନ




ଅତିଥିମାନଙ୍କର ଅନୁଭବ ପୂର୍ଣ୍ଣ ଭାଷଣରେ ମୁଁ ମଜି ଯାଇଥିବା ବେଳେ, ଏକ ଫୋନ୍ କଲ'କୁ ଗ୍ରହଣ କରିବା ପାଇଁ ମତେ ସଭା ଗୃହ ଓ ମୋ ଚୌକି ଛାଡ଼ି ବାହାରକୁ ଆସିବାକୁ ପଡ଼ିଲା। କଥାବାର୍ତ୍ତା ସାରି ମୋ ଯାଗାକୁ ଯାଇ ଦେଖେ ତ ମୋ ଚୌକିରେ ଆଉ ଜଣେ ଅତିଥି ବସି ଯାଇଥିଲେ। ସୁତରାଂ ମୋତେ ଉପାୟ ଶୂନ୍ୟ ହୋଇ ବାହାରେ ଛିଡ଼ା ହେବାକୁ ପଡ଼ିଲା। ସଂନ୍ଧ୍ୟା ୭.୪୫ ମିନିଟ୍ ବେଳକୁ ସମସ୍ତ ଅତିଥିମାନଙ୍କର ଭାଷଣ ଚର୍ଚ୍ଚା ସରିଯିବା ପରେ ଗାଳ୍ପିକ ମହାଶୟଙ୍କ କିଛି ଜଣ ଶୁଭେଚ୍ଛୁଙ୍କ ତାଲିକା ଜଣଙ୍କ ପରେ ଜଣେ ଡକାଗଲା ଓ ସେମାନେ ତାଙ୍କର ଅନୁଭୂତି ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରୁଥାନ୍ତି। ମୁଁ ଛିଡ଼ା ହୋଇଥିବା ସ୍ଥାନର ଠିକ୍ ପାଖରେ ଦୁଇ ଜଣ କଥା ହେଉଥିବାର ମୁଁ ଶୁଣିଲି ଆଉ ଏତେ ସମୟ କାହିଁକି ସଭା ଚାଲିଲା କେଜାଣି ? ଅତିଥିମାନଙ୍କ ଅଭିଭାଷଣ ପରେ ଧନ୍ୟବାଦ ପ୍ରଦାନ କରି ସଭା ସାଙ୍ଗ କରାଇ ଦେବା କଥା। ଶୀତ ରାତି, ସେଥିରେ ସମୟ ଆସି ରାତି ୮ଟା ବାଜିଲାଣି। ସେପଟେ ଆୟୋଜକ ମହାଶୟ ରାତ୍ରୀ ଭୋଜନର ବ୍ୟବସ୍ଥା ମଧ କରିଛନ୍ତି। ସମସ୍ତେ ଶାନ୍ତିରେ ଖାଇ ଘରକୁ ଯିବା କଥା। ଏ ମନ୍ତବ୍ୟ ଶୁଣି ତାଙ୍କ ବନ୍ଧୁ କହିଲେ ତୁମେ ତ ତୁମ ଘରଣୀଙ୍କୁ ଫୋନ୍ କରି କହି ସାରିଛ, ତୁମ ପାଇଁ ରୋଷାଇ କରିବେ ନାହିଁ, ଆଉ ତୁମେ ଏଠାରେ ଖାଇପିଇ ଯିବ। ଅର୍ଥାତ୍ ଖାଇବାକୁ ପଡ଼ିବ ମାନେ ଶୁଣିବାକୁ ପଡିବ। ତେଣୁ ବ୍ୟସ୍ତ ବିବ୍ରତ ନହୋଇ କିଏ କଣ ଗାଳ୍ପିକଙ୍କ ସହିତ ଅନୁଭୁତି ବାଣ୍ଟୁଛନ୍ତି ଶୁଣ। ଆମେ ବି ଏମିତି ଅନେକ ସଭା ସମିତିର ଆୟୋଜନ କରିଥାଉ। ଅତଏବ, ଏହି କଥା ମୋତେ ଏକ ବଡ ଶିକ୍ଷା ଦେଲା ଯେ, କୌଣସି ବି ସଭା କାର୍ଯ୍ୟକୁ ଠିକ୍ ସମୟରେ ଆରମ୍ଭ କରି ନିର୍ଦ୍ଧାରିତ ସମୟରେ ସାରିବାକୁ ଆୟୋଜକ ମାନେ ଯନ୍‌ବାନ ହେବା ନିହାତି ଦରକାର। ନ'ହେଲେ ଭୋଜନ ବ୍ୟବସ୍ଥା ଥିବା ସଭାକୁ ଶ୍ରୋତା ଶେଷରେ ଆସି ପହଁଞ୍ଚିବେ। ଆରମ୍ଭରୁ ଆସିଥିବା କିଛି ଶ୍ରୋତାମାନେ ଖାଇବାକୁ ହେଲେ ଶୁଣିବାକୁ ପଡିବ ବୋଲି ଅବଶ୍ୟ କୁହାକୁହି ହେବେ।

ଜ୍ଞାନ ରଞ୍ଜନ ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ବିକଳ୍ପ କୃଷି, ସମୃଦ୍ଧ ଚାଷୀ

**ସରୋଜ**

କୃଷିକ୍ଷେତ୍ରରେ ଉନ୍ନତି ଓ ପରିବର୍ତନର କଥା ଉଠିବା ବେଳେ ସମ୍ପ୍ରତି କେତୋଟି କଥା ଚର୍ଚ୍ଚା ହେଉଛି। ସେ ଭିତରୁ ଗୋଟିଏ ହେଲା ଫସଲର ବିବିଧକରଣ। ସବୁଜ ବିପ୍ଳବ ନାଁରେ ଏକଦା କେବଳ ଧାନ ଓ ଗହମ ଫସଲ ପାଇଁ ନୀତିଗତ, ଢାଞ୍ଚାଗତ, ପୁଂଜି ଓ ଭିତିଭୂମି ବ୍ୟବସ୍ଥା ହେଲା। ସେଇ ଦୁଇଟି ଫସଲ ଉପରେ ସବୁଠୁ ଅଧିକ କୃଷି ଗବେଷଣାର କାମ ସହ ବ୍ୟାପକ କୃଷି ସମ୍ପ୍ରସାରଣର ବ୍ୟବସ୍ଥା କରାଗଲା। ଜାତୀୟ ଓ ସମବାୟ ବ୍ୟାଙ୍କ ମାଧମରେ ଋଣ, ରହାତି ଦରରେ ଅଧିକ ଅମଳକ୍ଷମ ବିହନ ଓ ସାର ଯୋଗାଣ, ସର୍ବନିମ୍ନ ସହାୟକ ମୂଲ୍ୟ ସହ ମଣ୍ଡି ଓ ଫସଲ ବିପର୍ଯ୍ୟୟ ପରିପ୍ରେକ୍ଷୀରେ ରିଲିଫ କୋଡ୍ ଓ ବୀମାର ବ୍ୟବସ୍ଥା ବି ହେଲା। ତାକୁ ଦେଶର ଖାଦ୍ୟସୁରକ୍ଷା ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ସହ ଯୋଡ଼ାଗଲା। ତେଣୁ ସବୁଜ ବିପ୍ଳବ ସଫଳ ହେଲା। ଏପରି ଏକ ପ୍ରକ୍ରିୟା ଦେଇ ଯାଉଯାଉ ବିବିଧ ଫସଲ ଚାଷରେ ପୁରୁଣା ପରମ୍ପରା ଛାଡ଼ି ଆମେ 'ଏକକ ଫସଲ'ର ପରମ୍ପରାକୁ ଆପଣେଇଲେ। ଧାନ ଓ ଗହମ ଉତ୍ପାଦନ ଏତେ ବଢ଼ିଲାଯେ ଆଜି ରଖିବାକୁ ଯାଗା ନାହିଁ। ସରକାର ଉଚିତ ମୂଲ୍ୟରେ କିଣିବାକୁ ଅକ୍ଷମତା ପ୍ରକାଶ କରୁଥିବାରୁ ଦେଶବ୍ୟାପୀ ଚାଷୀ ଆନ୍ଦୋଳନ ହେଉଛି, ଯାହା ସରକାରଙ୍କୁ ଚାପଗ୍ରସ୍ତ କରି ରଖୁଛି। ଏବେ ସରକାର କହୁଛନ୍ତି ଚାଷୀମାନେ କେବଳ ଧାନ ଓ ଗହମ ଚାଷ ନ କରି ଫସଲର ବିବିଧତାକୁ ଗୁରୁତ୍ୱ ଦିଅନ୍ତୁ। ଚାଷୀମାନେ କ୍ଷୁଦ୍ରଶସ୍ୟ, ଡାଲି, ତୈଳବୀଜ ଓ ବିଭିନ୍ନ ରକମର ପନିପରିବା ସହ ବ୍ୟବସାୟିକ ଫସଲ କରନ୍ତୁ। କିନ୍ତୁ ଚାଷୀ ସେ ଦିଗରେ ମୁହାଁଉ ନାହାନ୍ତି। ଆମର ଅନେକ ବୁଦ୍ଧିଜୀବୀ ଫସଲର ବିବିଧିକରଣ ହେଇପାରୁନଥିବା ଲାଗି ଚାଷୀଙ୍କୁ ଦାୟୀ କରନ୍ତି। ସରକାର ଓ ବୁଦ୍ଧିଜୀବୀମାନେ ବୁଝିବା ଜରୁରୀ ଯେ ସବୁଜ ବିପ୍ଳବରେ ଚାଷୀଙ୍କୁ ଯେପରି ସାହାଯ୍ୟ ମିଳିଥିଲା ସେସବୁ ଯଦି ଅନ୍ୟ ଫସଲ ପାଇଁ ଉପଲବ୍ଧ କରାନଯାଏ ତେବେ ଆପେଆପେ ଫସଲର ବିବିଧିକରଣ ହେଇଯିବ ନାହିଁ। ଏମିତି ନୁହଁ ଯେ ଚାଷୀ ନିଜସ୍ତରରେ ଚେଷ୍ଟା କରୁନାହିଁ। ଚେଷ୍ଟା କରୁଛି, କିନ୍ତୁ ସେ ଅନୁକୂଳ ପରିବେଶ ଓ ସରକାରୀ ସହାୟତା ଅଭାବରୁ ଆଗେଇ ପାରୁନାହିଁ। ଦ୍ୱିତୀୟ କଥାଟି ହେଲା ଜଳବାୟୁ ପରିବତନ କାରଣରୁ କୃଷି, କୃଷକ, ଦେଶର ଖାଦ୍ୟ ଓ ସ୍ୱାସ୍ଥ୍ୟ ନିରାପତା ପ୍ରତି ଆସୁଥିବା ବିପଦ। ଲାଭ, ଲୋଭ ଓ ଭୋଗର ଏକ ଜୀବନଶୈଳୀ ଉପରେ ପର୍ଯ୍ୟବସିତ ବିକାଶ ନୀତି ପାଇଁ ଯେ ଏ ଦୁର୍ଦ୍ଦଶା ଏକଥା ଆମେ ସ୍ୱୀକାର କରିବାକୁ ଅରାଜି। ଆମ ଚାଷୀମାନେ ଜଳବାୟୁ ପରିବର୍ତନଜନିତ କ୍ଷୟକ୍ଷତି ଭରଣା ପାଇଁ ତିନିଟି ଦାବି ରଖୁଛନ୍ତି। ଗୋଟିଏ ହେଲା ଏକ ଉନ୍ନତ ଫସଲ ବୀମା ନୀତି ଓ ତାକୁ ନେଇ ଏକ ଉତରଦାୟୀ ସରକାର। ବୀମାନୀତିରେ ଥିବା ତ୍ରୁଟି, ବୀମା କମ୍ପାନୀଗୁଡ଼ିକର ଠଞ୍ଜକତା ଓ ସରକାରମାନଙ୍କ ସମ୍ବେଦନହୀନତା କାରଣରୁ ବୀମା ଅର୍ଥରାଶି ପାଇବା ଲାଗି ଚାଷୀମାନଙ୍କୁ ପ୍ରତିବର୍ଷ ଆନ୍ଦୋଳନ କରିବାକୁ ପଡୁଛି। ଚାଷୀଙ୍କ ଆଉ ଏକ ଦାବି ହେଲା ବଢ଼ନ୍ତା ଉତ୍ପାଦନ ଖର୍ଚ୍ଚକୁ ଆଖି ଆଗରେ ରଖି ରିଲିଫ କୋଡ୍‌ରେ ପରିବର୍ତନ ଆଣି ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷତିପୂରଣ ରାଶି ବୃଦ୍ଧି କରାଯାଉ। ତୃତୀୟଟି ହେଲା ଭାଗଚାଷୀଙ୍କୁ ଆଇନଗତ ମାନ୍ୟତା ମିଳୁ, ଯ'ଦ୍ୱାରା ସେମାନେ କୃଷି ଋଣ, ମଣ୍ଡିରେ ଶସ୍ୟ ବିକ୍ରି, ଫସଲବୀମା ଓ ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷତିପୂରଣ ସୁବିଧା ପାଇବେ। କିନ୍ତୁ ଏ ତିନିଟି ଦାବିରେ ଜୟବାୟୁ ପରିବର୍ତନ ଜନିତ ସମସ୍ୟାର ମୁକାବିଲା ପାଇଁ କୌଣସି ଯୋଜନା ନାହିଁ। କୃଷି ଉପରେ ଜଳବାୟୁ ପରିବର୍ତନର କୁପ୍ରଭାବର ମୁକାବିଲା ଲାଗି ଫସଲ ଚୟନ, ବିହନ ଚୟନ, ଫସଲ ଚକ୍ର ଓ କୃଷି ପଦ୍ଧତିରେ ପରିବର୍ତନ ଆଣିବା ଜରୁରୀ।

# ଏକାଦଶୀ ଉପବାସ ମାହାତ୍ମ୍ୟ : ୯

## ପାପ ମୋଚନୀ ଏକାଦଶୀ

**ସିଦ୍ଧାର୍ଥ ମହାପାତ୍ର**

ଚୈତ୍ର ମାସ କୃଷ୍ଣ ପକ୍ଷ ଏକାଦଶୀ, ଯାହାକୁ ପାପ ମୋଚନୀ ଏକାଦଶୀ କୁହାଯାଏ, ତାହା ନିଷ୍ଠାର ସହିତ ପାଳନ କଲେ ସମସ୍ତ ପାପ ନାଶ ହୁଏ ବୋଲି ଭଗବାନ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଥିଲେ। ଏହାର ମାହାତ୍ମ୍ୟ ବିଷୟରେ ଏକଦା ଲୋମଶ ଋଷି ପୃଥିବୀର ରାଜା ମାନ୍ଧାତାଙ୍କୁ କହିଥିଲେ। ପାପ ମୋଚନୀ ଏକାଦଶୀ ଚୈତ୍ର ମାସ କୃଷ୍ଣ ପକ୍ଷ ତିଥିରେ ପଡିଥାଏ। ଲୋମଶ ଋଷି ରାଜାଙ୍କୁ କହିଲେ ଚିତ୍ରଥ ନାମକ ସୁନ୍ଦର ଅରଣ୍ୟ, ଯାହା ଦେବରାଜ ଇନ୍ଦ୍ରଙ୍କ ବିହାର ସ୍ଥଳୀ ଥିଲା, ସେଠାରେ ମେଧାବୀ ନାମକ ଋଷି ମହାଦେବଙ୍କୁ ତପସ୍ୟା କରୁଥିଲେ। କାମଦେବଙ୍କ ନିର୍ଦ୍ଦେଶରେ ମେଧାବୀ ଋଷିଙ୍କ ତପସ୍ୟା ଭଙ୍ଗ ପାଇଁ ମଞ୍ଜୁଘୋଷା ନାମକ ଅପସରା ନୃତ୍ୟ ଏବଂ ବୀଣା ବାଦନ କରି ସଫଳ ହେଲା, ଏବଂ ମେଧାବୀ ଋଷି ମଞ୍ଜୁଘୋଷା ପ୍ରେମରେ ପାଗଳ ହୋଇ ତପସ୍ୟା ଭୁଲିଗଲେ। ଅନେକ ଥର ମଞ୍ଜୁଘୋଷା ବିଦାୟ ନେବାକୁ ଚାହିଁଲେ ମଧ ଋଷିଙ୍କ ଅନୁରୋଧରେ ଅଟକି ଗଲେ। ଏହିପରି ୧୮ବର୍ଷ ବିତିଲାପରେ ମଞ୍ଜୁଘୋଷା ଋଷିଙ୍କ ଠାରୁ ବିଦାୟ ନେଲାବେଳେ ତାଙ୍କର ଜ୍ଞାନୋଦୟ ହେଲା। ତପସ୍ୟା ଭଙ୍ଗ ହୋଇଥିବା ଜାଣି ମେଧାବୀ ଋଷି, କ୍ରୋଧରେ ମଞ୍ଜୁଘୋଷାଙ୍କୁ ପିଶାଚିନୀ ହେବାର ଅଭିଶାପ ଦେଲେ। ମଞ୍ଜୁଘୋଷାଙ୍କ ଆକୁଳ ମିନତିରେ ମେଧାବୀ ଋଷି ଦୟା ପରବଶ ହୋଇ ତାଙ୍କୁ ପାପ ମୋଚନୀ ଏକାଦଶୀ ବ୍ରତ ପାଳନ କରିବାକୁ କହିଲେ। ପାପ ମୋଚନୀ ଏକାଦଶୀ ବ୍ରତ ପାଳନ ଅପରାନ୍ତେ ମଞ୍ଜୁଘୋଷା ପୁନର୍ବାର ଦିବ୍ୟ ଶରୀର ପ୍ରାପ୍ତ ହୋଇ ସ୍ୱର୍ଗଗାମୀ ହେଲେ। ଏପଟେ ମେଧାବୀ ଋଷି ତପସ୍ୟା ଭଙ୍ଗ ଜନିତ ପାପ ଖଣ୍ଡନ ପାଇଁ ନିଜ ପିତା ଚ୍ୟବନ ଋଷିଙ୍କ ନିର୍ଦ୍ଦେଶରେ ପାପ ମୋଚନୀ ଏକାଦଶୀ ବ୍ରତ ପାଳନ କରି ପାପ ମୁକ୍ତ ହୋଇଥିଲେ। ଉପବାସ ନକରି ପାରିଲେ ସେହି ସମୟରେ ମିଳୁଥିବା ଚାରୁକୋଳି ପ୍ରସାଦ ରୂପେ ଗ୍ରହଣ କରାଯାଇପାରେ।

*ବଜ୍ରକବାଟି ରୋଡ, କଟକ-୧*
*ମୋବାଇଲ: ୯୩୩୮୫୭୦୯୯୩*

# ମନ୍ଦିର ମାଳିନୀ : ଭାଗ-୧୩

## ତିନି ମୁଣ୍ଡିଆ / ବୈତାଳ / ଶିଶିରେଶ୍ୱର ମନ୍ଦିର



ରଥ ରୋଡ ଦେଇ ଲିଙ୍ଗରାଜ ମନ୍ଦିରକୁ ଯିବା ବାଟରେ ରାସ୍ତାର ବାମ ପାର୍ଶ୍ୱରେ ପଡ଼ିଥାଏ ଏହି ପୁରାତନ ମନ୍ଦିର। ଶୈବପୀଠରେ ଭରପୁର ଏକାମ୍ର କ୍ଷେତ୍ରରେ ଲିଙ୍ଗରାଜ ମନ୍ଦିର ଠାରୁ ୩୦୦ବର୍ଷ ପୁରୁଣା ଅଷ୍ଟମ ଶତାବ୍ଦୀର ଏହା ଏକ ଦେବୀ ମନ୍ଦିର। ଲୋକ କଥା ଅନୁଯାୟୀ ଏହା ଏକ ତନ୍ତ୍ରମନ୍ତ୍ର ପୀଠ ଭାବେ ପ୍ରସିଦ୍ଧ। ଦେବୀ ଦୁର୍ଗା ଚାମୁଣ୍ଡା ରୂପରେ ଏଠାରେ ପୂଜା ପାଉଛନ୍ତି। ତିନୋଟି ଶିଖର ଥିବା ଦକ୍ଷିଣ ଭାରତୀୟ କଳା ସଂସ୍କୃତିରେ ଭରପୁର ଏହି ମନ୍ଦିରକୁ ତିନି ମୁଣ୍ଡିଆ ମନ୍ଦିର ବି କୁହାଯାଏ। ମନ୍ଦିରର ନାମ ଅନୁସାରେ ଏହି ଛକଟିକୁ ତିନି ମୁଣ୍ଡିଆ ଛକ ବୋଲି ମଧ କୁହାଯାଏ। ପୌରାଣିକ କଥା ଅନୁଯାୟୀ ଚାମୁଣ୍ଡା – ମହାସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀ ଏହି ତିନି ଦେବୀ ମନ୍ଦିରର ତିନୋଟି ଶିଖରକୁ ପ୍ରତିନିଧିତ୍ୱ କରିଥାନ୍ତି। କଖାରୁ ବା 'ବୋଇତାଳୁ' ଶବ୍ଦରୁ ଏହାର ନାମ ବୈତାଳ ହୋଇଥିବା କହୁଥିବା ବେଳେ କେହିକେହି ଏହି ମନ୍ଦିରରେ ପୂଜିତ ଦେବଦେବୀଙ୍କର ଭୟଙ୍କର ବେତାଳ ରୁପ ଯୋଗୁ, ମନ୍ଦିରର ନାମ ବୈତାଳ ହୋଇଛି ବୋଲି ସ୍ୱୀକାର କରନ୍ତି । ଅନ୍ୟ କେତେକ ଗବେଷକ କୁହନ୍ତି ଯେ, ମନ୍ଦିରଟି ବୋଇତ ସଦୃଶ ଦେଖା ଯାଉଥିବାରୁ ଏହାର ନାମ ବୋଇତଳ ବା ବୈତାଳ ହୋଇଅଛି। ମନ୍ଦିରର ଉଚ୍ଚତା ୩୮'ଫୁଟ। ମନ୍ଦିରର ଗର୍ଭଗୃହର ପଛପାଖ କାନ୍ଥର ମଧ୍ୟବର୍ତ୍ତୀ ଖୋପରେ ଅଷ୍ଟଭୁଜା ଚାମୁଣ୍ଡାଙ୍କ ଦେବୀମୂର୍ତ୍ତି ରହିଅଛି। ଏହି ମୂର୍ତ୍ତିଟି କଳ୍ପନାତୀତ ଭାବେ ଭୟଙ୍କର। ଖୋପର ଚୈତ୍ୟ ଗବାକ୍ଷରେ ଶିବ-ପାର୍ବତୀ ମୂର୍ତ୍ତି ଦ୍ୱୟ ଶୋଭା ପାଉଛନ୍ତି। ଶିବ ତଳ ହସ୍ତ ଦ୍ୱୟରେ ବୀଣା ବାଦନ ମୁଦ୍ରା ଓ ଉପର ହସ୍ତ ଦ୍ୱୟରେ ଅକ୍ଷମାଳ ଓ ତ୍ରିଶୂଳ ଧାରଣ କରିଛନ୍ତି। ଚାମୁଣ୍ଡା ମୂର୍ତ୍ତିର ଉଭୟ ପାର୍ଶ୍ୱରେ ଶାକ୍ତ ଦେବୀଙ୍କର ମୂର୍ତ୍ତି ସ୍ଥାପିତ ହୋଇଅଛି। ପ୍ରାଚୀନ କାଳରେ ଏହି ମନ୍ଦିରରେ ନରବଳି ପ୍ରଥା ପ୍ରଚଳିତ ଥିବା କଥା କିମ୍ବଦନ୍ତୀ କୁହେ। ପ୍ରଭୁ ଶିଶିରେଶ୍ୱରଙ୍କ ମନ୍ଦିର ବି ଏହି ମନ୍ଦିର ପରିସରରେ ଅବସ୍ଥିତ। ତେଣୁ ଏହି ମନ୍ଦିରକୁ ତିନି ମୁଣ୍ଡିଆ ବା ବୈତାଳ କିମ୍ବା ଶିଶିରେଶ୍ୱର ବୋଲି ଲୋକେ କୁହନ୍ତି।

# ଶିଶୁ ସରକାର ବନାମ୍ ବୁଢ଼ା ବିରୋଧି ଦଳ

***ନୂଆ ସରକାର ଏବେ ସାତ ମାସର ଶିଶୁ, କିନ୍ତୁ ୨୪ବର୍ଷର ଅଭିଜ୍ଞତାକୁ ନେଇ ବିଧାନସଭାରେ ବସିଛନ୍ତି ବୁଢା ବିରୋଧୀ ଦଳ। ଶାସନର ସୁବ୍ୟବସ୍ଥା ପାଇଁ ଉଭୟଙ୍କ ମିଳିତ ପ୍ରୟାସ ଏକାନ୍ତ ଜରୁରୀ। ଏଭଳି ଏକ ପ୍ରସଙ୍ଗ ଉପରେ ଆଲୋକପାତ କରିଛନ୍ତି ।***

**ଲକ୍ଷ୍ମୀକାନ୍ତ ତ୍ରିପାଠୀ**

ନୂତନ ସରକାର ଆସିବା ଯଦିଓ ଅପ୍ରତ୍ୟାଶିତ କିନ୍ତୁ ଆଶ୍ଚର୍ଯ୍ୟାନ୍ୱିତ ନୁହେଁ। ରାଜ୍ୟରେ ଯଦିଓ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଥିଲା କିନ୍ତୁ ଅନ୍ୟ ପକ୍ଷରେ ନେତା'ଙ୍କଠୁ ନେଇ ଜନତା ପର୍ଯ୍ୟନ୍ତ ଅସନ୍ତୋଷ ମଧ୍ୟ ଯଥେଷ୍ଟ ଥିଲା। ଏହାର ଅନେକ କାରଣ ମଧ୍ୟରୁ ମୁଖ୍ୟ କାରଣ ପାଣ୍ଡିଆନ ଥିଲେ ବୋଲି ସଭିଏଁ ଜାଣନ୍ତି। ନୂଆ ସରକାର ଆସିବା ପାଇଁ ମଧ୍ୟ ବିଜେପିକୁ ଅନେକ କଷ୍ଟ କରିବା ପାଇଁ ପଡିଛି। ଦଳର ତୁଙ୍ଗ ନେତାମାନଙ୍କୁ ଏହାର ଶ୍ରେୟ ନିଶ୍ଚିତ ଭାବେ ଯିବ। କେନ୍ଦ୍ର ନେତୃମଣ୍ଡଳୀ ମଧ୍ୟ ଶ୍ରେୟ ପାଇବା ପାଇଁ ହକଦାର। ଅନ୍ୟପକ୍ଷରେ ବିଜେପି ରାଜ୍ୟ ସଭାପତିଙ୍କ ରଣନୀତି ମଧ୍ୟ ପ୍ରସଂଶାଯୋଗ୍ୟ। ନୂତନ ସରକାର ଆସିବା ପରେ ନୂତନ ଉତ୍ସାହ ଉଦ୍ଦୀପନାର ସହିତ କାର୍ଯ୍ୟ ଆରମ୍ଭ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୪ଦ୍ୱାର ଖୋଲିବାଠୁ ଆରମ୍ଭ କରି ସୁଭଦ୍ରା ଯୋଜନା ପର୍ଯ୍ୟନ୍ତ ଏସବୁର ଅନ୍ତର୍ଭୁକ୍ତ। ରାଜ୍ୟ ସରକାର ବର୍ତ୍ତମାନ ଡ୍ରାଇଭର ସିଟ୍‌ରେ ବସିଛନ୍ତି। ଯଦି ସବୁ ଦୃଷ୍ଟିରୁ ତର୍ଜମା କରାଯାଏ ତେବେ ସରକାରଙ୍କ କାର୍ଯ୍ୟପ୍ରଣାଳୀ ଆଦୌ ସନ୍ତୋଷଜନକ ନୁହେଁ। କିନ୍ତୁ ଅନ୍ୟ ଦୃଷ୍ଟିରୁ ଦେଖିଲେ ଏଥିରେ ଅନେକ୍ କିଛି ଅଭିଜ୍ଞତା ଓ ପରିମାର୍ଜିତ ହେବାର ଆବଶ୍ୟକତା ରହିଛି। ସରକାର ଯଥେଷ୍ଟ ପ୍ରୟାସ ଜାରି ରଖିଛନ୍ତି ଜନତାଙ୍କ ନିକଟବର୍ତ୍ତୀ ହେବା ପାଇଁ। ଏଥିପାଇଁ ଦେଶର ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କର ଯଥେଷ୍ଟ ଅବଦାନ ରହିଛି। କାରଣ ଆଗକୁ ବିଜେପି ସରକାରଙ୍କ ପାଇଁ ଅଗ୍ନି ପରୀକ୍ଷା ରହିଛି ପଞ୍ଚାୟତ ନିର୍ବାଚନ। ବିଶେଷକରି ମୁଖ୍ୟମନ୍ତ୍ରୀ ଲୋକଙ୍କ ମୁଖ୍ୟମନ୍ତ୍ରୀ ହେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି, ଅତି ସରଳ ଓ ନିଷ୍କପଟ ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ଆବଶ୍ୟକତା ଠାରୁ ଅଧିକା ସରଳ ଓ ଉତ୍ସାହିତ ହୋଇ କିଛି ଅନିଚ୍ଛାକୃତ ଭୁଲ୍ ହେଇଯାଉଛି। ଅନ୍ୟପକ୍ଷରେ ସରକାରଙ୍କ ଅନେକ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ବେଶ ଲୋକପ୍ରିୟତା ହାସଲ କରୁଛି। ସେଥିମଧ୍ୟରୁ ସୁଭଦ୍ରା ଯୋଜନା ଅନ୍ୟତମ। ବାତ୍ୟା ଓ ଅଦିନିଆ ବର୍ଷାର କ୍ଷତି ଭରଣା, ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅର୍ଥାତ୍ ନୂତନ ଶିକ୍ଷାନୀତି ଲାଗୁ କରିବା, ସରକାରଙ୍କୁ ଲୋକପ୍ରିୟତା ଦେବ। । କିନ୍ତୁ ସରକାରଙ୍କ ଅନେକ ଦୋଷ ତ୍ରୁଟି ମଧ୍ୟ ଜଳଜଳ ହୋଇ ଦିଶୁଛି। ଦୈନନ୍ଦିନ ବ୍ୟବହାର ଜିନିଷର ଦରଦାମ ସତେ ଯେମିତି ଆକାଶଛୁଆଁ, ତା ଉପରେ କାହାରି ଆଉ ଲଗାମ ନାହିଁ। ତେଲଠୁ ଆରମ୍ଭ କରି ଡାଲି ପର୍ଯ୍ୟନ୍ତ, ଷ୍ଟିଲ'ଠୁ ଆରମ୍ଭ କରି ଲୁହା ପର୍ଯ୍ୟନ୍ତ ସବୁର ଦର ବହୁତ ବଢିଗଲାଣି। ରୋଷେଇଘର ଖର୍ଚ୍ଚ ବର୍ତ୍ତମାନ ଯେମିତି ରେଷ୍ଟୁରାଣ୍ଟର ଖର୍ଚ୍ଚ ସାଙ୍ଗେ ସମାନ ହେଇଗଲାଣି। ସାଧାରଣ ମଣିଷର ଜୀବନଶୈଳୀ କେତେ କଷ୍ଟକର ହେଲାଣି ଅନ୍ତତଃ ଥରେ ଚିନ୍ତା କରିବା କଥା। ବିରୋଧୀଦଳରେ ଥିବା ସମୟରେ ତୁମ୍ଭିତୋଫାନ କରୁଥିବା ନେତୃବୃନ୍ଦ ଚୁପ୍ ରହିବା ଆଦୌ ଗ୍ରହଣୀୟ ହେଉନି। ଅନ୍ୟପକ୍ଷରେ ୬ମାସ ହେଲା ବିରୋଧୀଦଳ କରୁଛନ୍ତି କଣ ? ନୂତନ ସରକାର ଶୈଶବ ଅବସ୍ଥାରେ ବୋଲି ଦୟା ନା ନିଜର ପାରିବା ପଣିଆର ଅଭାବ। ଏପର୍ଯ୍ୟନ୍ତ କଂଗ୍ରେସ ଦଳ କି ବିଜେଡି ଦଳ ପକ୍ଷରୁ ଆଖିଦୃଷ୍ଟିଆ ବିରୋଧ ପ୍ରଦର୍ଶନ ଦେଖିବା ପାଇଁ ମିଳୁନାହିଁ। ସବୁ କେବଳ ରାଜନୈତିକ ବୟାନବାଜିରେ ସୀମିତ। ଏଥିରୁ ସ୍ପଷ୍ଟ, ଇ.ଡି ଓ ସି.ବି.ଆଇକୁ ପ୍ରବଳ ଡରି ବିରୋଧୀ ବୋଧହୁଏ ଏକ ପ୍ରକାର ସାଲିସ ଅବସ୍ଥାରେ ଅଛନ୍ତି, ନହେଲେ ବସ'ରେ ସାଙ୍ଗସାଥି ହୋଇ ପୁଚୁକି-ଗାଲି ଗୀତର ମଜା ନେଉ ନ ଥାନ୍ତେ। ହେଲେ ଜନତା ଜନାର୍ଦ୍ଦନ ସବୁ ଦେଖୁଛନ୍ତି, ଶୁଣୁଛନ୍ତି ଓ ବିଚାର କରୁଛନ୍ତି।

# ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର(ଭିଓଭି): ଡ଼ିସେମ୍ବର ୨୬ ତାରିଖ ବିଜୁ ଜନତା ଦଳର ୨୮ ତମ ପ୍ରତିଷ୍ଠା ଦିବସ। ଦଳର ମୁଖ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯାଉଛି। ଏହି ଅବସରରେ ଶଙ୍ଖ ଭବନରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଦଳ ପ୍ରତି ଲୋକଙ୍କ ଭଲ ପାଇବା ଓ ବିଜେଡି ସରକାର ସମୟର ସଫଳତା ଉପରେ ଆଲୋକପାତ କରି ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ବିଜୁ ଜନତା ଦଳ ଓଡିଶା ବାସୀଙ୍କ ସେବା କରିଚାଲିବ ବୋଲି ଦୃଢୋକ୍ତି ପ୍ରକାଶ



ବର୍ଷ ଭିତରେ ବିଜୁ ଜନତା ଦଳ ସରକାରର ସଫଳତା ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଦୁନିଆରେ ବିଜେଡି ସରକାର ଓଡିଶାକୁ ଏକ ସଶକ୍ତ ଓ ସମୃଦ୍ଧ ରାଜ୍ୟର ପରିଚୟ ଦେଇପାରିଛି । ଅନ୍ୟ ରାଜ୍ୟର ଖାଦ୍ୟ

- ନବୀନ ଖୋଲିଦେଲେ ହାରିବାର ଗୁମର
- ବିଜେପିର ମିଛ ଗପର ମୁକାବିଲା କରି ପାରିଲୁ ନାହିଁ
- ଓଡ଼ିଶାବାସୀଙ୍କ ସେବା ୧୦୦ବର୍ଷ ପର୍ଯ୍ୟନ୍ତ କରିବୁ

କରିଥିଲେ । ସେ କହିଥିଲେ ଯେ ଓଡିଶାର ସ୍ୱାର୍ଥ ସର୍ବାଗ୍ରେ । ଏକ ଦୃଢ଼ ଆଞ୍ଚଳିକ ଦଳ ଭାବରେ ଓଡିଶା ସ୍ୱାର୍ଥର ସୁରକ୍ଷା ତଥା କେନ୍ଦ୍ର ଅବିଚାର ବିରୁଦ୍ଧରେ ବିଜେଡିର ଲଢେଇ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ। ଦଳର ପ୍ରତିଷ୍ଠାର ସୁବର୍ଣ୍ଣ ମୁହୂର୍ତ୍ତ ସମ୍ପର୍କରେ ସ୍ମୃତି ଚାରଣ କରି ଶ୍ରୀ ପଟ୍ଟନାୟକ କହିଥିଲେ। '୧୯୯୭ ଡିସେମ୍ବର ୨୬ ରେ ବିଜୁ ଜନତା ଦଳ ଜନ୍ମ ନେଇଥିଲା । ବିଜୁ ବାବୁଙ୍କ ଆଦର୍ଶ ଓ ପ୍ରେରଣାକୁ ସାଥିରେ ଧରି ବିଜୁ ପ୍ରେମୀମାନେ ଏକାଠି ହୋଇ ବିଜୁ ଜନତା ଦଳ ଗଠନ କରିଥିଲେ। ସେତେବେଳେ ବହୁ ଲୋକ କହୁଥିଲେ ଏ ଦଳ ବଞ୍ଚିବ ନାହିଁ । କିଛି ଲୋକ କହୁଥିଲେ ଏ ଦଳ ଆଗକୁ ବଢି ପାରିବ ନାହିଁ। ଏ ଦଳ କେବେ ସଫଳ ହେବ ନାହିଁ। ଆଉ ମତେ ମଧ୍ୟ କହୁ ଥିଲେ ମୁଁ ରାଜନୀତି ଜାଣେ ନାହିଁ । କିନ୍ତୁ ଆପଣମାନଙ୍କ ପରିଶ୍ରମ ଓ ଓଡିଶା ବାସୀଙ୍କ ଆଶିର୍ବାଦ ଯୋଗୁ ବିଜୁ ଜନତା ଦଳ ପାଞ୍ଚ ପାଞ୍ଚ ଥର ନିର୍ବାଚନ ଜିତି ଓଡିଶା ବାସୀଙ୍କୁ ସେବା ଯୋଗାଇବାର ସୁଯୋଗ ପାଇଛି । ମୁଁ ମଧ୍ୟ ବ୍ୟକ୍ତିଗତ ଭାବରେ ଆପଣମାନଙ୍କ ସେବା କରିବାର ସୌଭାଗ୍ୟ ପାଇଛି। ଗତ ୨୪ ଶସ୍ୟ ଉପରେ ନିର୍ଭର କରୁଥିବା ଓଡିଶା ଆଜି ବାହାର ରାଜ୍ୟକୁ ଖାଦ୍ୟ ପଠାଉଛି । ଓଡିଶାରେ ଗରିବୀ କମିଛି । ମୁଣ୍ଡ ପିଛା ଆୟ ବଢିଛି । ବିପର୍ଯ୍ୟୟ ପରିଚାଳନାରେ ଆଦର୍ଶ ରାଜ୍ୟ ହୋଇ ପାରିଛି। ପୁଞ୍ଜି ବିନିଯୋଗ ବଢିଛି। ଓଡିଶାବାସୀଙ୍କ ଭଲ ପାଇବା ଓ କର୍ମୀ ଭାଇ ଭଉଣୀମାନଙ୍କ ପରିଶ୍ରମ ଯୋଗୁ ବିଜୁ ଜନତା ଦଳ ଆଜି ଏକ ଦୃଢ଼ ଆଞ୍ଚଳିକ ଦଳ ଭାବରେ ପ୍ରତିଷ୍ଠା ପାଇଛି ବୋଲି ପ୍ରକାଶ କରି ଶ୍ରୀ ପଟ୍ଟନାୟକ କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ନିର୍ବାଚନ ପରାଜୟ ସମ୍ପର୍କରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ 'ମୁଁ ଜାଣିଛି ବହୁତ ଲୋକଙ୍କର ପ୍ରଶ୍ନ ଅଛି ଯେ ଗତ ନିର୍ବାଚନରେ ଆମେ କେମିତି ହାରିଲୁ । ମୁଁ ଆଜି ତାର ଉତ୍ତର ଦେବି । ମୁଁ କହିବି ଆମେ ହାରି ନାହୁଁ । ଲୋକଙ୍କ ବିଶ୍ୱାସ ମଧ୍ୟ ହରାଇ ନାହୁଁ । ବିଜେପି ମିଛ କଥା କହି, ମିଛ ପ୍ରତିଶୃତି ଦେଇ, ଲୋକଙ୍କୁ ଭୁଆଁ ବୁଲାଇ ସରକାରକୁ ଆସିଛି । ଏତେ ମିଛ କହି ମଧ୍ୟ ବିଜେପି ଆମ ଠାରୁ କମ୍ ଭୋଟ୍ ପାଇଛି । ଆମର ଭୁଲ୍ ହେଲା ଆମେ ସେମାନଙ୍କ ମିଛର ଠିକ୍ ଭାବରେ କାଉଣ୍ଟର କରି ପାରିଲୁ ନାହିଁ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଜି ଓଡିଶାବାସୀ ଜାଣିଲେଣି ଯେ ବିଜେପି ମିଛ କଥା କହି କ୍ଷମତା ଦଖଲ କରିଛି। ବର୍ତ୍ତମାନ ଓଡିଶାରେ ଚାଲିଥିବା ସରକାର ବିଷୟରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ 'ଗତ ଛଅ ମାସ ଭିତରେ ବିଜେପି ସରକାରର ଓଡିଶାବାସୀଙ୍କ ପାଇଁ ସବୁଠାରୁ ବଡ ଉପହାର ହେଉଛି ଦରଦାମ ବୃଦ୍ଧି । ଡାଲି ଚାଉଳ ଠାରୁ ଆରମ୍ଭ କରି ତେଲ, ପନିପରିବା ସବୁ ଦର ଆଜି ଆକାଶ ଛୁଆଁ । ଦରବୃଦ୍ଧି ପାଇଁ ଆଜି ପ୍ରତି ପରିବାର କାନ୍ଦୁଛି । ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଚାଷୀ କାନ୍ଦୁଛି। ମିଶନ ଶକ୍ତି ମା' ମାନେ ଦୁଃଖରେ ଅଛନ୍ତି । ଲୋକଙ୍କ ଏତେ କଷ୍ଟ ପରେ ଏ ସରକାରର କୁମ୍ଭକର୍ଣ୍ଣ ନିଦ କେବେ ଭାଙ୍ଗିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ । ନିନ୍ଦୁକ ମାନଙ୍କୁ କଡା ଜବାବ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ '୧୯୯୭ ରେ ଆମ ଦଳ ଗଠନ ବେଳେ ଯେମିତି କିଛି ଲୋକ କହୁଥିଲେ ଏ ଦଳର ଭବିଷ୍ୟତ ନାହିଁ। ଏବେ ବି କିଛି ନିନ୍ଦୁକ କହୁଛନ୍ତି ଯେ ଏ ଦଳର ଭବିଷ୍ୟତ ନାହିଁ । ମୁଁ ଦୃଢତାର ସହ କହିବାକୁ ଚାହେଁ ଯେ ବିଜୁ ଜନତା ଦଳର ଉଜ୍ଜଳ ଭବିଷ୍ୟତ ରହିଛି। ଓଡିଶାବାସୀଙ୍କ ଭାବାବେଗ ସହ ବିଜୁ ଜନତା ଦଳ ଯୋଡି ହୋଇ ରହିଛି। ଶଙ୍ଖ ଚିହ୍ନ ଯୋଡି ହୋଇ ରହିଛି।' 'ଓଡିଶାର ପରିଚୟକୁ ଉଜ୍ଜଳ କରିଛି ବିଜୁ ଜନତା ଦଳ। ଏକ ସଶକ୍ତ ଓ ସମୃଦ୍ଧ ଓଡିଶାର ଭିତ୍ତି ପକାଇଛି ବିଜୁ ଜନତା ଦଳ। ଲୋକଙ୍କ ହୃଦୟରେ ସବୁଦିନ ପାଇଁ ରହି ଯାଇଛି ବିଜୁ ଜନତା ଦଳ ଓ ଶଙ୍ଖ ଚିହ୍ନ'। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଶ୍ରୀ ସୁଶାନ୍ତ ରାଉତସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅନନ୍ତ ଜେନା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଅଶୋକ ପଣ୍ଡା, ମେୟର ସୁଲୋଚନା ଦାସ ମନ୍ମଥ ରାଉତରାୟ ପ୍ରମୁଖ ଭାଷଣ ଦେଇଥିଲେ।




## ନୂତନ ବର୍ଷର ଅଭିନନ୍ଦନ

ନବବର୍ଷ ୨୦୨୫ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଭାଇଭଉଣୀ ମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଏହି ବର୍ଷଟି ଆପଣମାନଙ୍କ ସୁଖ, ସମୃଦ୍ଧିଭରା ହେଉବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖେ କାମନା କରୁଛି।





**ଡ଼. ଉମାକାନ୍ତ ପଟ୍ଟନାୟକ**
ଉପସଭାପତି, ବିଜୁ ଜନତା ଦଳ, ଖୋର୍ଦ୍ଧା


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ଅଧା ଗଢା କଟକ - କିଏ.........

ଜରୁରୀ ମନେକରି ସରକାର ଏହାର ରକ୍ଷଣାବେକ୍ଷଣ ଓ ସଂରକ୍ଷଣ କାର୍ଯ୍ୟ ଏବେ ଇନ୍ଟାକ୍ ହେରିଟେଜ୍ ସଂସ୍ଥାକୁ ଦେଇଛନ୍ତି। ଦେଖାଯାଉ ତାର କାମ କେବେ ଆରମ୍ଭ ହେଉଛି ଓ କେବେ ଶେଷ ହେଉଛି। କଟକ ସହରର ମୁଖ୍ୟ ଆକର୍ଷଣ ହେଉଛି ଐତିହାସିକ ବାରବାଟି ଦୁର୍ଗ, ଗଡ଼ଖାଇ ଓ ବାରବାଟୀ ଷ୍ଟାଡିୟମ୍। ବାରବାଟି ଦୁର୍ଗ ହତାର କ୍ଷେତ୍ରଫଳ ୧୨ବାଟି ବା ୨୪୦ମାଣ ଥିବାରୁ ଏହାର ନାମକରଣ ବାରବାଟି ଦୁର୍ଗ କରାଯାଇଛି ବୋଲି ଇତିହାସ କହେ। ବାରବାଟି ଦୁର୍ଗ ଓ ଗଡଖାଇର ରକ୍ଷଣାବେକ୍ଷଣ ସଙ୍ଗେ ତାର ପୁନରୁଦ୍ଧାର କରିବାରେ କୌଣସି ସରକାରଙ୍କ ଯେମିତି ଇଛା ନାହିଁ। ଏହି ଦୁଇଟି ଐତିହାସିକ ସ୍ମୃତି ସ୍ଥଳକୁ ଦେଖିଲେ ସରକାରୀ ଉଦାସୀନତା ସ୍ପଷ୍ଟ ବାରିହୁଏ। ବାରବାଟି ଷ୍ଟାଡିୟମ୍ କୁ ପୂର୍ବ ସରକାର ସମ୍ପୂର୍ଣ୍ଣ ଭାଙ୍ଗି ଦେଇ ନୂଆ କରିବା କଥା ଘୋଷଣା କରିଥିଲେ। ନୂଆ ସରକାରଙ୍କ ଆଭିମୁଖ୍ୟ କଣ ରହିବ ତାହା ସମୟ କହିବ। କିନ୍ତୁ ଷ୍ଟାଡିୟମ୍ ଓ ତାହାର ପରିସରରେ ଭଡ଼ାରେ ଚାଲିଥିବା କିଛି ଶିକ୍ଷାନୁଷ୍ଠାନକୁ ନେଇ ବୁଦ୍ଧିଜୀବୀମାନେ ସର୍ବଦା ପ୍ରଶ୍ନ କରି ଚାଲିଛନ୍ତି। ପାଖରେ ଥିବା ମଣ୍ଡପ ମାନଙ୍କରେ ବିବାହ, ବ୍ରତ, ଜାତୀୟ, ଆନ୍ତଃର୍ଜାତୀୟ ଖେଳ ଓ ବାଲିଯାତ୍ରା ସମୟରେ ପିଲାମାନଙ୍କ ପାଠପଢା ଓ ପରୀକ୍ଷା ସବୁ ବନ୍ଦ। ଏସବୁ ସମସ୍ୟାର ସମାଧାନ କେବେ ହେଉଛି ତାହା ଦେଖିବାକୁ ବାକି ରହିଲା। ହାଇକୋର୍ଟ ପରିସରରେ ବ୍ୟବସ୍ଥିତ ଢଙ୍ଗରେ ଏକ ଅତ୍ୟାଧୁନିକ ପାର୍କିଂ ବ୍ୟବସ୍ଥା କରିବା ପାଇଁ ବହୁତ ଦିନରୁ ଆଇନଜୀବୀଙ୍କ ପକ୍ଷରୁ ଦାବି କରାଯାଇଥିଲେ ମଧ୍ୟ ସେ ନିଷ୍ପତି ଏବେ ଅଧାରେ ଅଟକିଛି। କଟକ ସହରର ବିଭିନ୍ନ ସ୍ଥାନରେ ଥିବା ମହାନ ବ୍ୟକ୍ତି-ବିଶେଷଙ୍କର ପ୍ରତିମୂର୍ତ୍ତି ସ୍ଥଳର ପୁନରୁଦ୍ଧାର ସହିତ ରକ୍ଷଣାବେକ୍ଷଣ ପାଇଁ ମହାନଗର ନିଗମ ନିଷ୍ଠା ଓ ଆନ୍ତରିକତାର ସହିତ ଦାୟୀତ୍ୱ ନିଭାଉ ବୋଲି ଦାବି ଯୋର ଧରିଲାଣି। କିଛି ବୁଦ୍ଧିଜୀବିମାନେ ମତପୋଷଣ କରିଛନ୍ତି ଯେ ସହର ଭିତରକୁ ପ୍ରବେଶ ପଥ ଥିବା ୪ଟି ସ୍ଥାନରେ ପ୍ରବେଶ ତୋରଣ, ଅଧିକ ସଂଖ୍ୟାରେ ପବ୍ଲିକ୍ ଟଏଲେଟ୍ ଓ ଗୁରୁତର ଟ୍ରାଫିକ ସମସ୍ୟାର ସମାଧାନକୁ ସରକାର ପ୍ରାଥମିକତା ଦେବା ନିହାତି ଆବଶ୍ୟକ। ରାଜା ମର୍କତ କେଶରୀଙ୍କୁ ଗୁହାରି କରି ବାଇମୁଣ୍ଡି ସବୁଦିନ ପାଇଁ କଟକ ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ଭଳି ବର୍ତ୍ତମାନର କଟକ ସହରର ଅସମ୍ପୂର୍ଣ୍ଣ କାମକୁ ଶେଷ କରିବା ପାଇଁ କିଏ ବାଇମୁଣ୍ଡି ସାଜିବେ ବୋଲି କଟକିଆମାନେ ଚିନ୍ତା ପ୍ରକଟ କଲେଣି।

# ଗାଁ'ର ମୌଳିକ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନର ଦୃଷ୍ଟି ପଡୁନାହିଁ

ମୁନିଗୁଡ଼ା (ଭିଓଭି) : ଚନ୍ଦ୍ରପୁର ବ୍ଲକ ବୁଡୁବାଲି ଗ୍ରାମ ପଞ୍ଚାୟତ ର ପେନାକାଡୁ ଗ୍ରାମ ର ଦୃଶ୍ୟ। ରାୟଗଡ଼ା ଜିଲ୍ଲା ର ଚନ୍ଦ୍ରପୁର ବ୍ଲକ ପଛୁଆ ଅଞ୍ଚଳ ବୋଲି ଜଣାଶୁଣା ହେଇଥିବା ରୁ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ପେନାକାଡୁ ଗ୍ରାମ ବାସୀ। ଭାରତ ସ୍ୱାଧିନତା ସଂଗ୍ରାମୀ ର



୭୭ ବର୍ଷ ବିତି ଯାଇଥିଲେ ମଧ ଏପର୍ଯ୍ୟନ୍ତ ଗାଁରେ ଗୋଟିଏ ପକ୍କା ଘର ମଧ ପାଇବାରୁ ବଞ୍ଚିତ ହେଉଛନ୍ତି ପେନାକାଡୁ ଗ୍ରାମ ବାସୀ। ଝାଟିମାଟି କୁଡ଼ିଆରେ ଘରେ ବସବାସ କରି ଆଠ କାଳ ବାରମାସ ବର୍ଷ ବର୍ଷ ଧରି ସପରିବାର ସହିତ ବହୁ କଷ୍ଟରେ ଜୀବନ ବିତାଇ ଥାନ୍ତି। ଜଙ୍ଗଲ ର ଜାତ କାଠ ଓ ଜାରୀ , ଶୁଆଁ , ମାଣ୍ଡିଆ , ମକା , କାନ୍ଦୁଲ, ଡଙ୍ଗର ଜାତିୟ ଫସଲ ଚାଷ କୁ ନିର୍ଭର କରି ଧର୍ତିମାତା ସାହାରା ନେଇ ମା ମାଟି ରୁ ମାଟି କୁ ବ୍ୟବହାର କରି କାଠ ଓ ମାଟି ଉପରେ ସାହା ଭରଷା ରେ କୁଡ଼ିଆ କରି ଜୀବନ କାଟୁଛନ୍ତି। ଏଭଳି ଅନେକ ସମସ୍ୟା ରହିଛି ତାହା ମଧ୍ୟରୁ ମୁଖ୍ୟତଃ ସ୍ୱଚ୍ଛ ପାନୀୟ ଜଳ ସୁବିଧା ପାଇବାରୁ ବଞ୍ଚିତ। ଯାହାଫଳରେ ରୋଗ ବେମାର ହେବାର ଆଶଙ୍କା ରହିଛି। ନଳକୂପ ଅଛି ତାହା କିନ୍ତୁ ଅଧା ଜୀବନ ଗଡ଼ା ନଳକୂପ । ନା ବାହାରୁ ପାଣି ନା ହେଇପାରୁଛି ମରାମତି। ପେନାକାଡୁ ଗ୍ରାମ ବାସୀ ଙ୍କ ପାଇଁ ସାହାରା ପାଲଟିଛି ବିଲ ପାଣି। ଗାଁ ଠାରୁ ପ୍ରାୟ ୩୦୦ ମିଟର ଦୂରରେ ରହିଛି ବିଲ ରେ ତିଆରି କରାଯାଇଥିବା ଛୁଆଁ। ପେନାକାଡୁ ଗାଁ ରେ ପ୍ରାୟ ୪୨ ପରିବାର ବସବାସ କରୁଥିବା ବେଳେ ବହୁତ ସମସ୍ୟା ଘେରରେ ସାହାରା ପାଲଟିଛି ବିଲ ପାଣି । ବର୍ଷା ଋତୁରେ ଗାଁ ର ଓଳିଆ ଆବର୍ଜନା ଜୀବାଣୁ ପାଣି ସେହି ବିଲ ଛୁଆଁ ରେ ମିଶି ଥାଏ ସେହି ପାଣି କୁ ବ୍ୟବହାର କରି ଜୀବନ କାଟନ୍ତି ପେନାକାଡୁ ଗ୍ରାମ ବାସୀ। ଏହି ଗ୍ରାମ ପ୍ରତି ପ୍ରଶାସନ ଅବହେଳା ଯୋଗୁଁ ସରକାରୀ ଇନ୍ଦିରା ଆବାସ ବା ପ୍ରଧାନମନ୍ତ୍ରୀ କୋଠା ଘର ମଧ୍ୟ ସାତ ସପନ ପାଲଟିଛି। ଏଭଳି ଅନେକ ସମସ୍ୟା ଘେରି ରହିଛି ପେନାକାଡୁ ଗ୍ରାମ କୁ । ଡଙ୍ଗର ବିଶି ଅଞ୍ଚଳ ବୋଲି କୌଣସି ପ୍ରଶାସନ ପରିଦର୍ଶନ ପାଇଁ ଯାଉନଥିବା ଅଭିଯୋଗ କରିଛନ୍ତି ଗ୍ରାମ ବାସୀ। ଏହି ଦିଗରେ ସରକାର କିମ୍ବା ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପେନାକାଡୁ ଗ୍ରାମ କୁ କେବେ ଦୃଷ୍ଟି ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଲଘୁଚାପ ବର୍ଷାରେ ଧୋଇଗଲା ଧାନ ଫସଲ



ଶେରଗଡ଼ (ଭିଓଭି): ତୁହାକୁ ତୁହା ଲଘୁଚାପ, ଅମଳ ବେଳେ ଅଦିନିଆ ବର୍ଷା ହୋଇ କ୍ଷତି ସହିଛି ଚାଷୀ।ଚାଷୀଙ୍କର ବର୍ଷକର ଭାତହାଣ୍ଡିକୁ ବର୍ଷାଜଳ ସବୁ ଧୋଇଦେଇଚି। ଚାଷୀ ଏବେ ଚିନ୍ତାରେ କିଭଳି ଋଣଆଣି କରିଥିବା ଧାନ ଚାଷରୁ ଅର୍ଥପାଇ ଋଣ ସୁଜିପାରିବ। ନା ନିଜ ପରିବାରଙ୍କ ମୁହଁରେ ଆଗକୁ ଆଉ ଦାନା ଦେଇପାରିବ। ଧାନସବୁ ବର୍ଷା ଜଳରେ ବିଲରେ ଉବୁ ଟୁବୁ ହୋଇଥିବାବେଳେ ଦଇବ ଦାଉ ଉପରେ ଦାଉ ସାଜୁଚି। ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ୍ ବାଦଗଡ଼ ଓ ବ୍ଲକ୍ ର କିଛି ଏରିଆରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଚାଷୀର ବର୍ଷକର ଭାତହାଣ୍ଡି ରେ ପାଣି ପଶିଜାଇଛି ଆଉ ଦିନ କେଇଟାରେ ଘରକୁ ଆଣିଥାନ୍ତା ଏବିଧାତା ଏଭଳି କଲେଜେ ବର୍ଷା ମାଡେରେ ଧାନ ବିଲରେ ଭାଷୀଯାଉଛି ଆଉ ଯାହାକିଛି ଧାନ ଗଛଅଛି ତାହାସବୁ ଅଣ୍ଟାଭାଙ୍ଗି ପାଣିରେ ପଡ଼ିଛି ହେଲେ ଋଣକରି ଧାନଚାଷ କରିଥିବା ଚାଷୀ କିପରି ଋଣସୁଜିବ ତାହାକୁନେଇ ଏବେବଡ଼ ଚିନ୍ତାରେ ଚାଷୀ।

# ଆଧାର କାର୍ଡ ସେଣ୍ଟର ବ୍ୟବସ୍ଥାକୁ ନେଇ ଲୋକ ହଟହଟା

ଚିତ୍ରକୋଣ୍ଡା,(ଭିଓଭି): ଚିତ୍ରକୋଣ୍ଡା ଅଞ୍ଚଳରେ ଆଧାର କାର୍ଡ ସେଣ୍ଟର ବ୍ୟବସ୍ଥା କୁ ନେଇ ଲୋକ ହଟହଟା ହେବାକୁ ପଡୁଛି । ଏହିଭଳି ଅଭିଯୋଗ ଆଣିଛନ୍ତି କିଛି ସ୍ୱାଭିମାନ ଅଞ୍ଚଳବାସୀ । ଚିତ୍ରକୋଣ୍ଡା ସଦର ମହକୁମା ଠାରେ ଏକମାତ୍ର ଆଧାର କେନ୍ଦ୍ର କାର୍ଯ୍ୟକାରୀ ଥିବାବେଳେ ବହୁ ଲୋକ ବାରମ୍ବାର ଆସୁଥିଲେ ସୁଦ୍ଧା କୌଣସି କାର୍ଯ୍ୟକାରୀ ହୋଇ ପାରୁନାହିଁ । ଏଣେ ଆଧାର କେନ୍ଦ୍ର ଅପରେଟର ଙ୍କ ମନମୁଖୀ କାର୍ଯ୍ୟକଳାପ ଓ ବ୍ୟବହାର ଯୋଗୁଁ ବିରକ୍ତିଭାବ ପ୍ରକାଶ କରିଛନ୍ତି ଲୋକେ । ଆଧାର କାର୍ଡ ର ପ୍ରାଧାନ୍ୟତା




ସରକାରୀ ଯୋଜନାର ସମସ୍ତ କ୍ଷେତ୍ରରେ ଥିବାବେଳେ ଲୋକେ ବ୍ୟତିବ୍ୟସ୍ତ ହେଉଥିବାରୁ ଫାଇଦା ଉଠାଉଛି ଆଧାର କେନ୍ଦ୍ର । ଲୋକଙ୍କ କହିବା ମୁତାବକ ସରକାରୀ ନିୟମ ଅନୁଯାୟୀ ୫୦ ଓ ୧୦୦ ଟଙ୍କା ବଦଳରେ ୩୦୦-୪୦୦ ଟଙ୍କା ନେଉଛନ୍ତି । ଗୋଟିଏ ପଟରେ ଆଧାର ଅପଡେଟ ନ ହେବା ଯୋଗୁଁ ବିଭିନ୍ନ ଯୋଜନାରୁ ବଞ୍ଚିତ ହେବାର ଭୟ ରହୁଥିବା ବେଳେ ଅନ୍ୟ ପଟେ ଏହିଭଳି ଖର୍ଚ୍ଚାନ୍ତ ହେଉଛନ୍ତି ଲୋକେ । ଏହା ବାବଦରେ ଜିଲ୍ଲା ପରିଷଦ ଅଧକ୍ଷା ସମାରି ତାଙ୍ଗୁଲଙ୍କୁ ଲୋକେ ଅଭିଯୋଗ କରିଥିଲେ । ସେ ନିଜେ ଆସି ସ୍ଥିତି ସମୀକ୍ଷା କରି ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଓ ବିଧାୟକ ପ୍ରତିନିଧି ବିଦେଶୀ ଗୌଡ଼ ଙ୍କ ଉପସ୍ଥିତିରେ ବିଡ଼ିଓ ଶ୍ରୀମତୀ ପ୍ରିତା କୁମାର ଙ୍କୁ ଡକାଇ ୟା ବାବଦରେ ଆଲୋଚନା କରି ସ୍ଥାୟୀ ସମାଧାନ କରିବାକୁ ପ୍ରସ୍ତାବ ରଖିଥିଲେ । ଆଗାମୀ ଦିନରେ ଲୋକେ ନିଜ ପଞ୍ଚାୟତ ନିକଟରେ ସୁବିଧା ପାଇପାରିବେ ଓ ସରକାରୀ ପ୍ରାପ୍ୟ ରେ କରିପାରିବେ ସେ ସୁବିଧା ଯୋଗାଇଦେବେ ବୋଲି ବିଡ଼ିଓ ଉପସ୍ଥାପନା କରିଥିଲେ । କେବେ ସ୍ୱାଭିମାନ ଅଞ୍ଚଳବାସୀ ସୁବିଧାର ଲାଭ ଉଠାଇପାରିବେ ତାହା ଦେଖିବା ବାକି ରହିଲା ।

# ମଣ୍ଡି ଅବ୍ୟବସ୍ଥାକୁ ନେଇ ଚାଷୀଙ୍କ ଦ୍ୱାରା ଜାତୀୟ ରାଜପଥ ଅବରୋଧ

ଜୟପୁର (ଭିଓଭି): କଥା ରେ ଅଛି ଚାଷ କାମ ଯାହାର କି ସୁଖ ତାହାର କିନ୍ତୁ ଚାଷୀଙ୍କୁ ସବୁବେଳେ ଟେନ୍ସନ କେତେବେଳେ ଅଦିନିଆ ବର୍ଷା ଦାଉ ସାଜୁଛି ତ କେତେବେଳେ ଟୋକେନ୍ ଟେନ୍ସନ ଆଉ କେତେବେଳେ କୋଟନୀ ଛଟନୀ।ନିଜ ଅମଳ ଧାନ ବିକ୍ରି ପାଇଁ ଶେଷରେ ରାଜ ରାସ୍ତାକୁ ଓଲହାଇବାକୁ ପଡୁଛି।ରାଜ୍ୟ ସରକାର କିଭଳି ସୁରୁଖୁରୁରେ ଧାନ ବିକ୍ରି କରିବେ ସେଥିପାଇଁ ମଣ୍ଡି ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି।ଚଳିତ ବର୍ଷ ଖରିଫ ଧାନ ମଣ୍ଡି କୋରାପୁଟ ଜିଲ୍ଲାର କାମରା ଗ୍ରାମରେ ପ୍ରଥମେ ଆରମ୍ଭ ହୋଇଥିଲା।ଆଜକୁ ୧୦ ଦିନ ବିତିଗଲା କିନ୍ତୁ କୌଣସି ଚାଷୀର ଧାନ ବିକ୍ରି ହୋଇପାରିନାହିଁ।ଯେଉଁ ଚାଷୀଙ୍କୁ ଟୋକେନ୍ ମିଳିଛି ତାହା ଲେପ୍ସ ହେବାକୁ ବସିଲାଣି।ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରେଇନ ଏନାଲଇସିସ ମେସିନ ଆସିଛି ସେଥିରେ ଏଫ ଏ କ୍ୟୁ ମାନର ଧାନ ବାହାରୁ ନାହିଁ।ମିଲେର୍ସ ଏଫ ଏ କ୍ୟୁ ମାନର ଧାନ ନ ହେଲେ ଆମେ



ଗ୍ରହଣ କରିବୁ ନାହିଁ ବୋଲି ଜିଦ ରେ ଅଟଳ।ଶେଷରେ କୋଟନୀ ଛଟନୀ ର କଥା ଆରମ୍ଭ ହୋଇଥିଲା।ଚାଷୀ ବର୍ଷ ସାରା ମୁଣ୍ଡର ଝାଳ ତୁଣ୍ଡରେ ମାରି ନିଜ ଉପାର୍ଜିତ ଧାନ କୁ କୋଟନୀ ଛଟନୀ କୁ ପ୍ରଶ୍ରୟ ଦେବୁ ନାହିଁ ବୋଲି ଜିଦ ରେ ଅଟଳ। ଶେଷରେ ଆଜି କାମରା ପଞ୍ଚାୟତ ର ଶହ ଶହ ଚାଷୀ ନିଜ ନିଜ ଧାନକୁ ନେଇ କାମରା ଜାତୀୟ ରାଜପଥ ଅବରୋଧ କରିଛନ୍ତି।ଯେ ପର୍ଯ୍ୟନ୍ତ ଧାନ ମଣ୍ଡିରୁ ନ ଉଠିଛି ସେ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିବେ ବୋଲି କହିଛନ୍ତି।ବୋରିଗୁମ୍ମା ପୋଲିସ ତହସିଲଦାର ଏବଂ ଜୟପୁର ଉପ ଜିଲ୍ଲାପାଳ ସୁଶ୍ରୀ ଆକାବରମ୍ ସସ୍ୟା ରେଡି, ବୋରିଗୁମ୍ମା ତହସିଲଦାର ଅମ୍ରିତଲାଲ୍ ବେହେରା,ସିଏସଓ ସର୍ବେଶ୍ୱର ନାୟକ, ସହକାରୀ ଯୋଗାଣ ଅଧିକାରୀ ସୁଶୀଲ କୁମାର ଜେନା ଘଟଣା ସ୍ଥଳରେ ପହଞ୍ଚି ଚାଷୀ ଏବଂ ମିଲର୍ସ ଙ୍କ ସହ ଆଲୋଚନା କରିଛନ୍ତି। ମୋବାଇଲ ପେଡ଼ି କ୍ଲିନେର ରେ ଧାନ ପରୀକ୍ଷା ପରେ ମିଲେର୍ସ ଧାନ କିଣିବା ପରେ ରାସ୍ତାରୁ ହଟିଲେ ଚାଷୀ।

ବନ୍ଧନ ପରିବାର ତରଫରୁ ଆପଣମାନଙ୍କୁ ନୂତନ ବର୍ଷ ୨୦୨୫ର ହାର୍ଦ୍ଦିକ ଅଭିନନ୍ଦନ



# ପେଚା

ଜୀବଜଗତ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ପେଚା ସାଧାରଣତଃ ଏକ ଶିକାରୀ ଓ ନିଶାଚର ପକ୍ଷୀ । କେବଳ ଆଣ୍ଟିଟିକା ଅଞ୍ଚଳକୁ ବାଦଦେଲେ, ଏମାନେ ସର୍ବତ୍ର ଦୃଶ୍ୟମାନ ହୁଅନ୍ତି । ସାରା ଦୁନିଆରେ ୨୧୦ ପ୍ରଜାତିର ପେଚା ଦେଖାଯାଆନ୍ତି । ଏହା ଭିତରୁ ସବୁଠାରୁ ଅଧିକ ୪୫ ପ୍ରଜାତି କେବଳ ଭାରତରେ ଦେଖା ଯାଆନ୍ତି । ଆମେରିକାରେ ୧୯ ପ୍ରଜାତିର ପେଚା ଦେଖିବାକୁ ମିଳନ୍ତି ।

ପେଚାର ତିନୋଟି ମୁଖ୍ୟ ପ୍ରଜାତିର ନାମ, ବାର୍ଣ୍ଣ, ସ୍ନୋଇ ଓ ୟୁରୋସିୟନ । ବାର୍ଣ୍ଣପେଚାର ଓଜନ ସର୍ବାଧିକ ୬୨୦ ଗ୍ରାମ, ସ୍ନୋଇ ପେଚା ୨ କିଲୋଗ୍ରାମ ଓ ୟୁରୋସିୟନ ପେଚା ୨.୭ କିଲୋଗ୍ରାମର ହୋଇଥାନ୍ତି । ସବୁଠାରୁ କ୍ଷୁଦ୍ର 'ଏଲଫେ' ପେଚାର ଓଜନ ମାତ୍ର ୩୧ ଗ୍ରାମ ହୋଇଥିଲା ବେଳେ ଏହାର ଲମ୍ବା ମାତ୍ର ୬ ଇଞ୍ଚ ହୋଇଥାଏ । ଏଲଫେ ପେଚା ଦେଖିବାକୁ ଠିକ ଘର ଚଟିଆ ପକ୍ଷୀ ଭଳି । ସବୁଠାରୁ ବଡ ପେଚାର ନାମ ବ୍ଲାକିଷ୍ଟର୍ମ ଓ ଏହାର ଓଜନ ୫ କିଲୋଗ୍ରାମ ଓ ଡେଣାର ଲମ୍ବ ୬ ଫୁଟ ପର୍ଯ୍ୟନ୍ତ ହୋଇଥାଏ । ତେବେ ୧୮ ପ୍ରଜାତିର ବାର୍ଣ୍ଣପେଚାଙ୍କର କେତେକ ନିର୍ଦ୍ଧିଷ୍ଟ ଗୁଣ ରହିଛି, ଯାହା ସେମାନଙ୍କୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର କରେ ।

ପେଚାର ବୈଜ୍ଞାନିକ ନାମ Strigiforms । ପ୍ରଜାତିଭେଦରେ ଏମାନଙ୍କ ଶାରୀରିକ ଗଠନ, ସ୍ୱଭାବ ଓ ଜୀବନକାଳ ଭିନ୍ନ ଭିନ୍ନ ହୋଇଥାଏ । ତେବେ, ଏମାନଙ୍କ ସର୍ବାଧିକ ପରମାୟୁ ୨୫ ବର୍ଷ । ଏମାନେ ସମସ୍ତେ ମାଂଶାହାରୀ । ପେଚା ପୋକଯୋକ, ମୂଷା, ଅନ୍ୟାନ୍ୟ ପକ୍ଷୀ ଓ କ୍ଷୁଦ୍ର ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ଶିକାର କରିଥାଏ । ବ୍ଲାକିଷ୍ଟର୍ମ ପ୍ରଜାତିର ପେଚା କେବଳ ମାଛ ଶିକାର କରେ । ୟୁରୋସିୟନ ପେଚା ଠେକୁଆ ଶିକାର କରିଥାଏ ।

ପର୍ଯ୍ୟାପ୍ତ ଶିକାର ଉପଲବ୍ଧ ହେଉଥିବା ସମୀପବର୍ତ୍ତୀ ସ୍ଥାନ ଯଥା ଗଛକୋରଡ, ପାହାଡଖୋଲ , ପରିତ୍ୟକ୍ତ ଗୋଦାମଗୃହ ମାନଙ୍କରେ ସାଧାରଣତଃ ପେଚାମାନେ ବସା ବାନ୍ଧିଥାନ୍ତି । କେତେକ ପ୍ରଜାତି ପେଚା, ମାଟି ତଳେ ଗାତକରି ରହନ୍ତି । ଦିନରେ ବିଶ୍ରାମ ନେଉଥିବାରୁ ସୁରକ୍ଷାଗତ ଦିଗ ପ୍ରତି ଦୃଷ୍ଟି ଦିଆଯାଏ । ବସାର ସମ୍ମୁଖ ଭାଗ ଅଣ ଓସାରିଆ ହୋଇଥିବା ବେଳେ, ଏହାର ଆଭ୍ୟନ୍ତରୀଣ ଅଂଶ, ବେଶ ପ୍ରଶସ୍ତ ଓ ସଫାସୁତୁରା ଥାଏ । ଦିନରେ ପେଚା ବାସଗୃହର ପାରିପାର୍ଶ୍ୱିକ ରଙ୍ଗକୁ ଦୃଷ୍ଟିରେ ରଖି ନିଜର ଛଦ୍ମାବରଣ ତିଆରି କରେ । ବସା ନିକଟରେ ଏକ ଖୋଲା ପଡିଆ ଓ ଜଳଉତ୍ସକୁ ପ୍ରାଥମିକତା ଦିଆଯାଏ ।

ନିଶାଚର ଏହି ଶିକାରୀ ପ୍ରକ୍ଷୀଟିର ଶାରୀରିକ ଗଠନ ମଧ୍ୟ ଅନୁରୂପ ହୋଇଥାଏ । ଘନ ଅନ୍ଧକାରରେ ଏମାନେ ସ୍ୱଷ୍ଟ ଦେଖି ପାରନ୍ତି । ତୀକ୍ଷ୍ଣ ଦୃଷ୍ଟି ଶକ୍ତି ଯୋଗୁଁ ୧୦୦ ଫୁଟଦୂରରୁ ଏମାନେ ଶିକାରକୁ ଠାବ କରନ୍ତି । ଆମ ଦୃଷ୍ଟି ଶକ୍ତିର ୧୦୦ ଗୁଣା ଓ ଶୁଣିବା ଶକ୍ତିର ୧୦ ଗୁଣା କ୍ଷମତା ପେଚା ମାନଙ୍କର ଥାଏ । ୧୦୦ ଫୁଟ ଦୂରରୁ ସେ ସାମାନ୍ୟ ହଲଚଲ ଶଦ୍ଦକୁ ମଧ୍ୟ ଅନାୟାସରେ ଶୁଣିପାରେ । ଶିକାର କରିବା ପାଇଁ ପେଚାର ପଞ୍ଝାର ଗଠନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାର ପଞ୍ଝାର ସମ୍ମୁଖ ଭାଗରେ ତିନୋଟି ଓ ପଛକୁ ଗୋଟିଏ ତୀକ୍ଷ୍ଣ ଛୁରୀକା ସଦୃଶ୍ୟ ନଖ ଥାଏ । ଏହାର ଲମ୍ବ ସର୍ବାଧିକ ୬ ଇଞ୍ଚ ପର୍ଯ୍ୟନ୍ତ ହୋଇଥାଏ । ଶିକାର କଲାବେଳେ ପଞ୍ଝାର ତୀକ୍ଷ୍ଣ ନଖ ଗୁଡିକ ବୃତ୍ତାକାରରେ ରହି ଶିକାରକୁ ଝାମ୍ପିନିଏ ।

ଏମାନଙ୍କ ବଡ଼ବଡ଼ ଆଖିର ଆକାର ସମଗ୍ର ଶରୀରର ୫ ପ୍ରତିଶତ । ଏଥିରେ ଲାଲ ରଙ୍ଗର ପ୍ରୋଟିନ ଯୁକ୍ତ କୋଷିକା ବାଇନାକୁଲାର ଲେନ୍ସ ପରି କାମକରେ । ପେଚା ଏକମାତ୍ର ପକ୍ଷୀ, ଯିଏ ନୀଳ ରଙ୍ଗକୁ ଠଉରାଇ ପାରେ । ପେଚାର ଆଖିରେ ତିନିଟି ପରଦା ଥାଏ । ଗୋଟିଏ ପଲକ ପକାଏ, ଆରଟି ଶୋଇବା ବେଳେ କାମ କରେ ଓ ଅନ୍ୟଟି ସବୁବେଳେ ଆଖିକୁ ସଫା ସୁତୁରା ରଖେ । ପେଚାର ଆଖିଡୋଳା ସ୍ୱତନ୍ତ୍ର । ଆମ ଭଳି ପେଚା ଆଖି ଡୋଳାମଝିରେ କଳାବିନ୍ଦୁ (eyeball) ନଥାଏ । ସୂର୍ଯ୍ୟାଲୋକ ଆଖିଡୋଳାରେ ପ୍ରତିଫଳିତ ହେଉନଥିବାରୁ ସେ ଦିନର ଆଲୋକକୁ ସହି ପାରେନାହିଁ । ସେଥିପାଇଁ ସେ ଦିନରେ ଆଖି ବନ୍ଦ ରଖିଥାଏ ।

ପେଚା ,ବେକକୁ ୨୭୦ ଡିଗ୍ରୀ ପର୍ଯ୍ୟନ୍ତ ବୁଲାଇ ପାରେ । ବାମପଟକୁ ୧୩୫ ଡିଗ୍ରୀ ଓ ଡାହାଣ ପଟକୁ ୧୩୫ ଡିଗ୍ରୀ ହିସାବରେ ବେକ ମୋଡି ହୋଇପାରେ ତେଣୁ ପଛପଟେ ଥିବା ଶିକାରକୁ ଏମାନେ ସହଜରେ ଦେଖି ପାରନ୍ତି । ପେଚା ଉଡିଲା ବେଳେ ଆଦୌ ଶବ୍ଦ କରିନଥାଏ । ଏହାର ଡେଣାର ଉପର ଅଂଶରେ ଥିବା ସୂକ୍ଷ୍ମ କୋଷିକା ଗ୍ରନ୍ଥି ସାଇଲେନସର ପରି କାମକରେ ଓ ପବନକୁ ଉପରଭାଗରେ ପ୍ରବାହିତ ହେବାକୁ ଦେଇଥାଏ । ଏମାନଙ୍କ ଶିକାର ଶତ ପ୍ରତିଶତ ସଫଳ ହୋଇଥାଏ । ଏହା ହିଁ ପେଚାର ବିଶେଷତ୍ୱ । ଅନ୍ୟ କୌଣସି ଶିକାରୀ ପକ୍ଷୀ, ଶତ ପ୍ରତିଶତ ଶିକାର ଉଦ୍ୟମରେ ସଫଳ ହୋଇ ପାରନ୍ତି ନାହିଁ ।

ରାତିର ଘନ ଅନ୍ଧାକାରରେ ଏମାନେ ନିଶଦ୍ଦ ଓ ଧୀର ଗତିରେ ଉଡାଣ ଭରି ଶିକାରକୁ



Kartik Chandra Panda

ଝାମ୍ପି ନିଅନ୍ତି । ଶିକାର ସାମାନ୍ୟତ ମ ସୂଚନା ମଧ୍ୟ ପାଇନଥାଏ । ଅଧିକାଂଶ ପ୍ରଜାତି ଶିକାରକୁ ସମ୍ପୂର୍ଣ୍ଣ ଗିଳି ଦିଅନ୍ତି । ଶିକାର ବଡ ହୋଇଥିଲେ ଥଣ୍ଟରେ ଚିରି ଚିରି ଖାଆନ୍ତି । ହଜମ କରି ପାରୁନଥିବା ହାଡ଼, ପର ଆଦି ବାନ୍ତି କରି ପଦାକୁ ବାହାର କରି ଦିଅନ୍ତି । ଏହି ନିଶାଚର ପକ୍ଷୀର ସାଧାରଣତଃ କେହି ଶତ୍ରୁ ନଥାନ୍ତି । ତେବେ ଦିନ ବେଳା କୌଣସି କାରଣରୁ ବାହାରେ ରହିଗଲେ କୁଆ ଓ ଅନ୍ୟ ପକ୍ଷୀ ମାନଙ୍କର ସାମୁହିକ ଆକ୍ରମଣର ଶିକାର ହୁଅନ୍ତି ।

ପୁରୁଷ ପେଚା, ତା ସାଥିର ସର୍ବାଧିକ ଯତ୍ନ ନିଏ । ଅଣ୍ଡା ଦେବାର ପ୍ରଥମ ଦିନରୁ ଶିଶୁ ଶାବକ ବୟସ୍କ ହେବା ପର୍ଯ୍ୟନ୍ତ, ପ୍ରାୟ ତିନିମାସ, ମା ପେଚା ଘରୁ ବାହାରେ ନାହିଁ । ପୁରୁଷପେଚା ଏହି ସମୟରେ ଅଧିକ ସକ୍ରିୟ ଥାଏ । ସେ ଏକାକୀ ଶିକାର କରି ମା ଓ ଛୁଆଙ୍କୁ ପ୍ରତିପୋଷଣ କରେ । ଏହି ପକ୍ଷୀଦମ୍ପତି ଏକ ପତ୍ନୀକ ଓ ପରସ୍ପର ପ୍ରତି ବେଶ ବିଶ୍ୱସ୍ତ । ସେମାନଙ୍କ ଭିତରେ ନିବିଡ଼ ଭଲ ପାଇବା ଥାଏ । କୌଣସି ସାଥୀର ମୃତ୍ୟୁରେ ଅନ୍ୟ ସାଥୀଟି ଦୁଃଖରେ ମ୍ରିୟମାଣ ହୋଇ ପଡେ ଓ ସାଥିକୁ ଝୁରି ଝୁରି ପ୍ରାଣ ହରାଏ ।

ପୁରୁଷ ପେଚା ବୟସ୍କ ହେଲା ପରେ ସାଥି ଖୋଜେ । ସେଥିପାଇଁ ସେ ନିଜକୁ ମାନସିକ ଓ ଶାରୀରିକ ଭାବେ ପ୍ରସ୍ତୁତ କରେ । ସାଥି ଚୟନ ପ୍ରକ୍ରିୟା ଏମାନଙ୍କ ଖୁବ୍ ସ୍ୱତନ୍ତ୍ର । ସାଥି ଚୟନ ବେଳେ ଅଯଥା ଲଢେଇ ଝଗଡାକୁ ଏମାନେ ପସନ୍ଦ କରନ୍ତି ନାହିଁ । ସାଥିକୁ ମନାଇବା ପାଇଁ, ପ୍ରଥମେ ଏକ ସାଙ୍କେତିକ ଶବ୍ଦର ପ୍ରେୟୋଗ କରାଯାଏ । ସାଥିକୁ ପ୍ରଲୁବ୍ଧ କରିବାପାଇଁ ପୁରୁଷ ପେଚା ବିଭିନ୍ନ କୌଶଳ ଅପଣାଇ ଥାଏ । ସେ ସାଥିକୁ ନିଜେ କରିଥିବା ସ୍ୱାଦିଷ୍ଟ ଶିକାରକୁ ଉପହାର ସ୍ୱରୂପ ଦେବା ସହିତ ବିଭିନ୍ନ ପ୍ରକାର ଉଡାଣ କୌଶଳ ପ୍ରଦର୍ଶନ କରେ ତ ଆଉ କେତେବେଳ ନୃତ୍ୟ । ଆଗରୁ ଖୋଜି ରଖିଥିବା କେତୋଟି ଗୁପ୍ତ ସ୍ଥାନର ସନ୍ଧାନ ମଧ୍ୟ ଦିଏ , ଯେଉଁଠି ଦୁଇଜଣ ନିର୍ବିଘ୍ନରେ ଘର ସଂସାର ବସାଇ ପାରିବେ । ସାଥି ପାଖରୁ ସହମତି ସୂଚକ ସ୍ୱର ଶୁଣିଲା ପରେ, ସେମାନଙ୍କ ଘରସଂସାର ଆରମ୍ଭ ହୁଏ ।

ପେଚା ପ୍ରତି ୨ ରୁ ୩ ଦିନ ଅନ୍ତରରେ ଗୋଟିଏ କରି ପ୍ରାୟ ପାଞ୍ଚରୁ ଦଶଟି ଅଣ୍ଡା ଦେଇଥାଏ । ୩୨ ରୁ ୩୪ ଦିନରେ ଅଣ୍ଡାରୁ ଶାବକ ଜନ୍ମନିଅନ୍ତି । ମା ବସାକୁ ସଫାସୁତୁରା ରଖିବା ସହିତ ଶାବକ ମାନଙ୍କ ଯତ୍ନ ନିଏ । ପୁରୁଷପେଚା ଅକ୍ଳାନ୍ତ ପରିଶ୍ରମ କରି ସମସ୍ତଙ୍କ ପାଇଁ ଖାଦ୍ୟ ସଂଗ୍ରହ କରିଥାଏ । ସେ ମା ଓ ଛୁଆଙ୍କ ଭବିଷ୍ୟତ ପାଇଁ ଖାଦ୍ୟ, ବସାରେ ଥାକଥାକ କରି ସାଇତି ରଖେ । ପୁରୁଷ ପେଚା କେବଳ ଖାଦ୍ୟ ସଂଗ୍ରହ କଲାବେଳେ, ମାତା ପେଚା ବସାକୁ ସଫାସୁତୁରା ରଖିବା, ଶାବକଙ୍କୁ ଖୁଆଇବା ସହିତ ସୁରକ୍ଷା ପ୍ରତି ଧ୍ୟାନ ଦେଇଥାଏ । ସୁସ୍ଥ ସବଳ ଶାବକଙ୍କୁ ପ୍ରଥମେ ଖାଇବାକୁ ଦିଆଯାଏ ।

ଶିଶୁ ଶାବକଙ୍କର ଦଶ ସପ୍ତାହରେ ପରଆସେ ଓ ପନ୍ଦର ସପ୍ତାହ ବେଳକୁ ଏମାନେ ବୟସ୍କ ହୋଇ ପ୍ରଥମ ଉଡାଣ ଭରନ୍ତି । ବସାରୁ ଥରେ ଉଡିଗଲା ପରେ ପୁନର୍ବାର ମା ବାପ ଛୁଆ ମାନଙ୍କୁ ଆଉ ବସାରେ ପୂରାନ୍ତି ନାହିଁ । ଅବଶ୍ୟ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ବାପ ମା ଏପରି କରିଥାନ୍ତି । ଦୈବାତ୍ ସାଥିଟିରେ ମୃତ୍ୟୁ ହେଲେ ଅନ୍ୟ ସାଥିଟି ଗଭୀର ଉଦାସୀନତା ଭିତରକୁ ଚାଲିଯାଏ । ପାଖରେ ସଞ୍ଚିତ ଥିବା ଖାଦ୍ୟକୁ ବି ଗ୍ରହଣ କରିନଥାଏ । ସାଥିକୁ ଝୁରିଝୁରି ମରିବାକୁ ପସନ୍ଦ କରେ ।

ଆମ ଧର୍ମଗ୍ରନ୍ଥ ଓ ପୁରାଣରେ ପେଚାର ବର୍ଣ୍ଣନା ରହିଛି । ପେଚାକୁ ମହାଲକ୍ଷ୍ମୀଙ୍କ ବାହାନ ରୂପେ ବର୍ଣ୍ଣନା କରା ଯାଇଛି । ପୁନଶ୍ଚ ଅଥର୍ବ ବେଦରେ ଲକ୍ଷ୍ମୀଙ୍କ ବଡ଼ ଭଉଣୀ ଅଲକ୍ଷ୍ମୀଙ୍କ ଦୂତ ଭାବେ, ପେଚାକୁ ଦର୍ଶା ଯାଇଛି । ତେଣୁ ରାତିରେ ପେଚା ରାବିଲେ, ଏହା ଅତ୍ୟନ୍ତ ଅଶୁଭ ମନା ଯାଏ । ପେଚାର ସାଧାରଣତଃ କୌଣସି ଶତ୍ରୁ ପକ୍ଷୀ ନଥାନ୍ତି । ନିଶାଚର ହୋଇଥିବାରୁ ଏମାନେ ଅନ୍ୟ ଶିକାରୀ ପକ୍ଷୀ ଠାରୁ ସୁରକ୍ଷିତ ଥାନ୍ତି । ଅନ୍ୟ ପକ୍ଷରେ ଇଗଲ, ବାଜପକ୍ଷୀ ଆଦି ଶକ୍ତିଶାଳୀ ପକ୍ଷୀମାନେ ପେଚା ରହୁଥିବା ସ୍ଥାନରେ ବସା ବାନ୍ଧନ୍ତି ନାହିଁ । ଘନ ଅନ୍ଧକାର ଭିତରେ ପେଚା ଆକ୍ରମଣ କରି ସେମାନଙ୍କ ଛୁଆକୁ ଝାମ୍ପି ନେବାର ସମ୍ଭାବନା ଥାଏ ।

ଚାଇନା, ଆଫ୍ରିକୀୟ ମହାଦେଶ ଓ ଆଉ ବହୁତ ଗୁଡିଏ ଦେଶ ପେଚାକୁ ଦୁର୍ଭାଗ୍ୟ ଓ ମୃତ୍ୟୁର ସଙ୍କେତ ବୋଲି ମାନନ୍ତି । ଚାଇନିଜ ମାନେ ପେଚା ଦେଖିଲେ, ପଡୋଶୀର ମୃତ୍ୟୁ ହୁଏ ବୋଲି ବିଶ୍ୱାସ କରନ୍ତି କିନ୍ତୁ ଜାପାନ ମଙ୍ଗୋଲିଆ ଓ ଆହୁରି ଅନେକ ଦେଶରେ ପେଚାକୁ ଶୁଭ ମାନନ୍ତି । ଗ୍ରୀକଦେଶର ପୁରାଣ ରେ ଜ୍ଞାନ, ପରାକ୍ରମ ଓ ସମୃଦ୍ଧିର ଦେବୀ ଏଥେନାଙ୍କର ବାହାନ ରୂପେ ପେଚାକୁ ମାନ୍ୟତା ଦିଆଯାଇଛି ତେଣୁ ସେଠାରେ ପେଚାକୁ ସୁଖ ଓ ସମୃଦ୍ଧି ଓ ବୀରତ୍ୱର ପ୍ରତୀକ ଭାବେ ଗ୍ରହଣ କରାଯାଏ ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

ବନ୍ଧନ ପରିବାର ତରଫରୁ ଆପଣମାନଙ୍କୁ ନୂତନ ବର୍ଷ ୨୦୨୫ର ହାର୍ଦ୍ଦିକ ଅଭିନନ୍ଦନ



# The Popularity of Science: Transforming Lives and Shaping Futures

Science, the systematic study of the natural world through observation and experimentation, has become an integral part of human progress. Its influence is so profound that it permeates every aspect of our lives, from the mundane to the extraordinary. The popularity of science is a testament to its ability to solve problems, spark curiosity, and inspire innovation.

**The Allure of Science**

One of the primary reasons for science's popularity lies in its transformative power. Science simplifies complexities, challenges established norms, and provides answers to age-old questions. For centuries, it has been the driving force behind humanity's quest for knowledge. It helps us understand the world, the universe, and even ourselves.

In today's world, science is omnipresent. Smartphones, electric vehicles, artificial intelligence, and wearable health trackers are just a few examples of how science has seamlessly integrated into our daily lives. This integration has made science more relatable and accessible, bridging the gap between laboratories and living rooms.

Science and Global Challenges

The popularity of science also stems from its role in addressing pressing global issues. Climate change, food security, pandemics, and energy crises are some of the most daunting challenges humanity faces today. Science offers solutions to these problems, from renewable energy technologies and sustainable agriculture practices to groundbreaking vaccines and medical treatments. ""For instance, during the COVID-19 pandemic, science united researchers, governments, and industries across the globe to develop vaccines in record time. This collaboration not only saved millions of lives but also showcased the power of science as a unifying force.

Science as a Unifying Force

Science transcends borders, religions, and ideologies. It is a universal language that fosters collaboration and promotes global understanding. Initiatives like the International Space Station (ISS) or CERN's Large Hadron Collider bring together scientists from diverse backgrounds, proving that the pursuit of knowledge knows no boundaries.

Moreover, the stories of renowned scientists like Albert Einstein, Marie Curie, and India's own Dr. A.P.J. Abdul Kalam inspire millions, reinforcing the idea that science is not just a profession but a way of thinking.

Science in Education and Popular Culture

Science has also gained popularity through its incorporation into education and popular culture. Documentaries like Cos-




mos, hosted by Carl Sagan and later Neil deGrasse Tyson, have captivated audiences worldwide by presenting complex scientific concepts in an engaging manner. Science-themed movies like Interstellar, The Martian, and Gravity have made science a fascinating subject for viewers of all ages. Educational platforms like YouTube, TED Talks, and online courses have further democratized scientific knowledge. Students, professionals, and even laypersons can now access scientific content from the comfort of their homes, sparking curiosity and fostering a love for learning.

Challenges to the Popularity of Science

Despite its widespread appeal, science does face challenges. Misinformation, pseudoscience, and lack of scientific literacy remain significant barriers. It is essential to promote critical thinking and evidence-based reasoning to counter these threats. Science communicators and educators play a vital role in ensuring that accurate information reaches the masses.

The Future of Science

As we stand on the threshold of a new era, the future of science looks promising. Advancements in quantum computing, biotechnology, and space exploration are set to revolutionize our understanding of reality. Concepts that once seemed like science fiction—such as personalized medicine, autonomous vehicles, and interplanetary colonization—are now within reach.

The popularity of science will continue to grow as humanity seeks answers to ever more complex questions. However, it is crucial to use this power responsibly, ensuring that scientific progress benefits all of humanity, not just a privileged few.



Nihar Ranjan Acharya

**Conclusion**

The popularity of science is not merely about its practical applications; it is about its ability to inspire wonder and ignite imagination. Science is a beacon of hope, a unifying force, and a catalyst for progress. It is a celebration of human ingenuity and resilience.

As we move forward, let us embrace science not just as a tool but as a philosophy a philosophy that values curiosity, seeks truth, and strives for the betterment of all. For in celebrating science, we celebrate the limitless potential of humanity.

***Science Communicator and Environmentalist, Scientific Officer, Indian Climate Congress Founder and Working Director, TRUST - a Science and Environment Lover Organization***
***Ph. 8249775817***
*Email: niharacharya1973@gmail.com*

# ଉପକାରୀ ପରିବା ମୂଳା



ଡା. ଇତିଶ୍ରୀ ଲେଙ୍କା

ଦୈନନ୍ଦିନ ଜୀବନରେ ପ୍ରାୟ ସମସ୍ତେ ମୂଳା ସହିତ ଜଡ଼ିତ। ମୂଳାକୁ ଡାଲମା, ତରକାରୀ ଆଦିରେ ପକାଇ ରୋଷେଇ କରି ଖିଆ ଯାଏ, ମୂଳାକୁ ଭାଜିକରି ଖିଆଯାଏ ତ କେତେବେଳେ ବି ଆମେ ସାଲାଡ ଆଦିରେ କଂଚାରେ ପକାଇ ସୁସ୍ୱାଦୁ ବ୍ୟଂଜନ ତିଆରି କରିଥାଉ। ମୂଳା ପତ୍ରକୁ ଶାଗ କରି ଖିଆ ଯାଇଥାଏ। ଯଦିବା ମୂଳା ବର୍ଷର ସବୁ ସମୟରେ ବଜାରରେ ମିଳିଥାଏ ତଥାପି ଶୀତ ଦିନରେ ବହୁଳ ଭାବରେ



ଏହା ଚାଷ କରାଯାଇ ବଜାରରେ ଉପଲବ୍ଧ ହୋଇଥାଏ।ମୂଳାକୁ ଗୋଟିଏ ସାଧାରଣ ପରିବା ହିସାବରେ ପ୍ରାୟ ସମସ୍ତେ ଜାଣନ୍ତି। ମାତ୍ର ଏହି ସାଧାରଣ ପରିବାଟି ମଧ୍ୟରେ ଅସାଧାରଣ ଭାବରେ ପ୍ରାକୃତିକ ଔଷଧୀୟ ଗୁଣ ଭରପୁର ହୋଇ ରହିଛି। ଏହା ମଧ୍ୟରେ ପ୍ରଚୁର ମାତ୍ରାରେ ଭିଟାମିନ-ସି, କାର୍ବୋହାଇଡ୍ରେଟ୍ସ୍, ସେଲେନିୟମ, ସୋଡିୟମ୍, ପୋଟାସିୟମ, ମାଗ୍ନେସିୟମ୍, ଜିଙ୍କ, କ୍ୟାଲସିୟମ୍, ଆଇରନ୍, ମାଙ୍ଗାନିଜ୍, ଭିଟାମିନ୍ ବି ଏବଂ ଫୋଲେଟ୍ ରହିଛି। ଏହିସବୁ ଉପାଦାନ ଗୁଡିକର ଶରୀର ଭିତରେ ଅନେକ ଉପାଦେୟ କାର୍ଯ୍ୟକାରିତା ରହିଛି। ସେଥିମଧ୍ୟରୁ ଭିଟାମିନ୍-ସି ଆମ ଶରୀରକୁ ନିରୋଗ ରଖିବାରେ ସାହାଯ୍ୟ କରିବା ସହିତ ତ୍ୱଚାରେ ଚମକ ଆଣିଥାଏ। ଏହା ଶରୀରରେ କୋଷ ପୁନଃର୍ଗଠନ ରେ ସହାୟକ ହୋଇ ଶରୀର ଗଠନ କରିଥାଏ। ଆଇରନ୍, କ୍ୟାଲସିୟମ ଏବଂ ପୋଟାସିୟମ୍ ଆମ ଶରୀରରେ ଅସ୍ଥି ସମ୍ବନ୍ଧିୟ ଏବଂ ନୂତନ ରକ୍ତ କଣିକା ତିଆରି କରିବାରେ ସାହାଯ୍ୟ କରିଥାଏ। ଏହା ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ସହିତ ହୃତ୍‌ପିଣ୍ଡକୁ ଶକ୍ତି ଯୋଗାଇଥାଏ। ମାଗ୍ନେସିୟମ୍ ଏବଂ ଜିଙ୍କ୍ ଶରୀରରେ ରକ୍ତଶର୍କରା ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ସେଲେନିୟମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ ଏବଂ ଯୌନ ଉତେଜନା ସମ୍ବନ୍ଧୀୟ ରୋଗରେ କାର୍ଯ୍ୟ କରିଥାଏ। ମୂଳା ଖାଦ୍ୟ ହଜମ କରିବାରେ ଏବଂ କୋଷ୍ଠ କାଠିନ୍ୟ ଦୂର କରିବାରେ ସହାୟକ ହୋଇଥାଏ। ଏହାର ଆଂଟିଅକ୍ସିଡାଂଟ୍ ଗୁଣ ଯୋଗୁଁ ଏହା ଶରୀରର କୋଷ ସମୂହକୁ ନଷ୍ଟ ହେବାରୁ ବଂଚାଇଥାଏ। ତେଣୁ ଏହା କର୍କଟ ରୋଗର ବୃଦ୍ଧିକୁ ପ୍ରତିରୋଧ କରିଥାଏ। ଲିଭର ଏବଂ

## ସ୍ୱାସ୍ଥ୍ୟ

କିଡ୍‌ନୀ ପାଇଁ ମୂଳା ଏକ ଅମୋଘ ଔଷଧ। ଏହା ଲିଭର ଏବଂ କିଡ୍‌ନୀ କୁ ଡିଟକ୍ସିଫାଏ କରିବାରେ ସାହାଯ୍ୟ କରିଥାଏ। ପୀତ କୋଷ ପଥୁରୀ ହେଉ କି ବୃକକ୍ ପଥୁରୀ ସମସ୍ତ ପଥୁରୀ ରୋଗ ପାଇଁ ମୂଳା ଏକ ଅତି ଉପଯୋଗୀ ଔଷଧ। ଏହା ଶରୀରରେ କୋଲେଷ୍ଟେରୋଲ ଲେବଲ କମାଇବାରେ ସହାୟକ ହୋଇଥାଏ। ଏହା ମଧ୍ୟ ରକ୍ତ ପରିଷ୍କାରକ ହିସାବରେ ବ୍ୟବହାର କରାଯାଏ। ଏହାର ଆଂଟିଫଙ୍ଗାଲ ତତ୍ୱ ଶରୀରକୁ ବିଭିନ୍ନ ଫଙ୍ଗାଲ ଇନ୍‌ଫେକସନ ରୁ ରକ୍ଷା କରିଥାଏ। ମୂଳାର ପତ୍ରକୁ ମଧ୍ୟ ଆମେ ଶାଗ କରି ଖାଇଥାଉ। ମୂଳା ଠାରୁ ମୂଳା ପତ୍ରରେ ବହୁତ ପରିମାଣରେ ଔଷଧିୟ ତତ୍ୱ ଭରି ରହିଛି। ପୀତ କୋଷ ପଥୁରୀ ରୋଗରେ ଏହା ଏକ ଅମୋଘ ଔଷଧ। ମୂଳା ରସ ବା ମୂଳା ପତ୍ର ରସ ଏକ ନିର୍ଦ୍ଦିଷ୍ଟ ମାତ୍ରାରେ ପାନ କଲେ ଏହା ରକ୍ତହୀନତା ଦୂର କରିଥାଏ। ପୀତକୋଷ ପଥୁରୀ ରୋଗରେ ପ୍ରତ୍ୟେହ ସକାଳେ ଅଧାକପ୍ ଏବଂ ସନ୍ଧ୍ୟାରେ ଅଧାକପ୍ ମୂଳା ପତ୍ର ରସ ସୈନ୍ଧବ ଲବଣ ସହ ପନ୍ଦରଦିନ ପାନ କରି ପଥୁରୀ ରୋଗରୁ ମୁକ୍ତ ହୋଇଥିବାର ଅନେକ ଦାବି କରନ୍ତି। ଆମ ଦେଶରେ ବିଭିନ୍ନ ପ୍ରଜାତିର ମୂଳା ଚାଷ କରାଯାଇଥାଏ। ଇଜିପ୍ଟ ଏବଂ ଗ୍ରୀକ୍ ସଭ୍ୟତାରୁ ଏହାର ବ୍ୟବହାର ହୋଇ ଆସୁଅଛି। ଖ୍ରୀଷ୍ଟପୂର୍ବ ତିନିଶହ ଶତାବ୍ଦୀରୁ ଏହାର ଔଷଧିୟ ବ୍ୟବହାର ହେଉଥିବାର ଇତିହାସ ଜାଣିବାକୁ ମିଳେ। ହୋମିଓପାଥିରେ ଏହା 'ରାଫାନସ୍ ସାଟାଇଭାସ୍' ଔଷଧ ନାମରେ ବ୍ୟବହୃତ ହୁଏ। ଯକୃତ ଏବଂ ପ୍ଲୀହାରେ ଯନ୍ତ୍ରଣା, କ୍ଷୁଧା ହିନତା, ତଳିପେଟରେ ବାୟୁ ଜମାହେବା, ମୂତ୍ର ସମ୍ବନ୍ଧିୟ ରୋଗ, ବିଭିନ୍ନ ସ୍ତ୍ରୀ ରୋଗ ଆଦିରେ ଲକ୍ଷଣ ଅନୁସାରେ ବ୍ୟବହୃତ ହୁଏ। ମୂଳାକୁ ପରିବା ହିସାବରେ ସମସ୍ତେ ବ୍ୟବହାର କରିପାରିବେ, କିନ୍ତୁ ଏହାର ଔଷଧିୟ ବ୍ୟବହାର କରିବାକୁ ହେଲେ ଜଣେ ଅଭିଜ୍ଞ ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ୍ ହେବ।

ନୂତନ ବର୍ଷର ଅଭିନନ୍ଦନ
ଆମ ପଞ୍ଚାୟତ ଆମର ଗର୍ବ
୨୦୨୫ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।



ପୁଷ୍ପାଞ୍ଜଳି ମିଶ୍ର
ସମିତି ସଭ୍ୟା,
ବୃନ୍ଦାବନପୁର ଗ୍ରାମ ପଞ୍ଚାୟତ

# ପଇସା ଦିଅ, ରଘୁନାଥଙ୍କ ଦର୍ଶନ କର

## ସେବାୟତଙ୍କ ଟଙ୍କା ମାଗିବା ଭିଡିଓ ଭାଇରାଲ୍

ନୟାଗଡ଼, (ଭିଓଭି): ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବାବେଳେ ଲୋକେ ଏବେ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ବୁଲିବା ସହ ମନ୍ଦିର ଦର୍ଶନ କରିଥାନ୍ତି। ନୟାଗଡ଼କୁ ଏବଂ ଦୈନିକ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। କିନ୍ତୁ ମନ୍ଦିରରେ ପର୍ଯ୍ୟଟକଙ୍କୁ ଠାକୁରଙ୍କ ଦର୍ଶନ କରାଇଦେବା ଲାଗି ସେବାୟତମାନେ ଟଙ୍କା ମାଗୁଥିବା ନେଇ ଅଭିଯୋଗ ହୋଇଛି। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଭଳି ଅଭିଯୋଗ ଆସିଛି ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରଘୁନାଥଜୀଉ ମନ୍ଦିରରୁ।

ଓଡ଼ଗାଁରେ ପୂଜା ପାଉଛନ୍ତି ପ୍ରଭୁ ଶ୍ରୀରଘୁନାଥଜୀଉ। ଏହି ମନ୍ଦିର ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ର ରୁପେ ମାନ୍ୟତା ପାଇଛି। ପର୍ଯ୍ୟଟନ ଋତୁରେ ମନ୍ଦିରରେ ଭିଡ଼ ଲାଗିଥାଏ। ଏହାର ଫାଇଦା ନେଉଛନ୍ତି କେତେକ ସେବାୟତ। ଗୁରୁବାର ମନ୍ଦିରରୁ ଭାଇରାଲ ହୋଇଥିବା ଭିଡିଓରୁ ଏହା ପ୍ରମାଣିତ ହେଉଛି। ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରୁ ପର୍ଯ୍ୟଟକ ଆଲୋକ କୁମାର ଦାସ ନିଜର ୫ଜଣ ସାଙ୍ଗସାଥୀଙ୍କ ସହିତ ନୟାଗଡ଼ ବୁଲିବା ପାଇଁ ଆସିଥିଲେ।

ଗୁରୁବାର ବିଭିନ୍ନ ସ୍ଥାନ ବୁଲିବା ପରେ ଅପରାହ୍ନରେ ରଘୁନାଥଜୀଉଙ୍କ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ସେହି ସମୟ ଠାକୁରଙ୍କ ପହଡ଼ ସମୟ ହୋଇଥିବାରୁ ମନ୍ଦିର ବନ୍ଦ ରହିଥିଲା। ଜଣେ ସେବାୟତ ସନ୍ଧ୍ୟା ୬ଟାରେ ପହଡ଼ ଫିଟିବ ବୋଲି ସେମାନଙ୍କୁ କହିଥିଲେ। ଯଦି ପଇସା ଦେବେ ତାହାହେଲେ ଦର୍ଶନ କରାଇଦେବୁ ବୋଲି ଜୈନିକ ସେବାୟତ କହିଥିବା ଭାଇରାଲ ହୋଇଥିବା ଭିଡିଓରୁ ସ୍ପଷ୍ଟ ଜଣାପଡ଼ିଛି। ତେବେ ପର୍ଯ୍ୟଟକ ଆଲୋକଙ୍କ କହିବା ଅନୁଯାୟୀ, ଜଣଙ୍କ ପିଛା ୧୦୦ ଟଙ୍କା ସେବାଯତ ଦାବି କରିଲେ । ତାହା ପରେ ଏହାର ପ୍ରମାଣ ସ୍ୱରୁପ ଭିଡିଓ କରିଲି। ଏନେଇ ନୟାଗଡ଼ ଉପଜିଲାପାଳଙ୍କୁ ଫୋନ୍ ଯୋଗେ ଅଭିଯୋଗ କରିଛି ବୋଲି ସେ କହିଛନ୍ତି। ସନ୍ଧ୍ୟା ୬ଟାରେ ପହଡ଼ ଫିଟିବାକୁ ବିରୋଧ କରୁନୁ । କିନ୍ତୁ ଏଭଳି ଟଙ୍କା ମାଗିବାକୁ ଆମେ ବିରୋଧ କରୁଛୁ ବୋଲି ଆଲୋକ କହିଛନ୍ତି । ଏଭଳି କାମ ମନ୍ଦିର ଭିତରେ ସେବାୟତମାନେ ମିଳିମିଶି କରୁଛନ୍ତି । ଜଣେ ପୂଜକ ପ୍ରଥମେ ପର୍ଯ୍ୟଟକଙ୍କ ସହିତ ଯୋଗାଯୋଗ କରି ଟଙ୍କା ନେଣଦେଣ ବିଷୟ ସ୍ଥିର କରିଥାନ୍ତି । ଏହାପରେ ପର୍ଯ୍ୟଟକଙ୍କୁ ମନ୍ଦିର ଭିତରକୁ ନେଇ ଦର୍ଶନ କରିଥାନ୍ତି ବୋଲି ସେ କହିଛନ୍ତି। ଏନେଇ ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାର କହିଛନ୍ତି, ଅଭିଯୋଗ ଆସିଛି। ଏନେଇ ତଦନ୍ତ କରାଯିବ। ଯଦି କୌଣସି ତ୍ରୁଟି ପରିଲକ୍ଷିତ ହୁଏ କାର୍ଯ୍ୟାନୁଷ୍ଠାନ ତାହାହେଲେ ନିଆଯିବ। ମନ୍ଦିର ପରିଚାଳକ ଜିତେନ୍ଦ୍ର ମିଶ୍ର କହିଛନ୍ତି, ପହଡ଼ ସମୟରେ ଦର୍ଶନ କରିବା ବିଧେୟ ନୁହେଁ। ସେବାୟତ ଟଙ୍କା ମାଗିବା ବିଷୟରେ କୌଣସି ସୂଚନା ନଥିଲା। ଅଭିଯୋଗକୁ ଭିତ୍ତି କରି ତଦନ୍ତ କରାଯିବ ବୋଲି ସେ କହିଛନ୍ତି।



## ଲଗାଣ ବର୍ଷାରେ ଉଜୁଡିଗଲା କ୍ଷେତ: ହୃଦଘାତରେ ଚାଷୀଙ୍କ ମୃତ୍ୟୁ

ସତ୍ୟବାଦୀ (ଭିଓଭି): ସତ୍ୟବାଦୀ ବ୍ଲକ୍ ବୀରରାମଚନ୍ଦ୍ରପୁର ପଞ୍ଚାୟତ ର ଡୁଙ୍ଗର ଗ୍ରାମର ଚାଷୀ ପୂର୍ଣ୍ଣଚନ୍ଦ୍ର ଦଳେଇ ଗତ ୨୩ - ୧୨-୨୦୨୪ ପୂର୍ବାହ୍ନରେ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି। ଗଲା କିଛିଦିନ ତଳେ ଲଘୁଚାପଜନିତ ବର୍ଷାରେ ଅମଳଯୋଗ୍ୟ ଧାନବିଲ ଜଳମଗ୍ନ ହେବା ଫଳରେ ନିଜର ଉଜୁଡି ଯାଇଥିବା ଧାନ ଫସଲକୁ ଦେଖି ବିଲ ମୁଣ୍ଡରେ ଅଚେତ ହୋଇପଡିଥିଲେ ପୂର୍ଣ୍ଣଚନ୍ଦ୍ର ଘରଲୋକ ଓ ପାଖପଡୋଶୀଙ୍କ ସହାୟତାରେ ତାଙ୍କୁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ଓ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଅଭାବନୀୟ ଘଟଣା ଘଟିଲା ପରେ ସ୍ଥାନୀୟ ପ୍ରଶାସନ ତରଫରୁ ଯଥାଯୋଗ୍ୟ ସହାୟତା ଯୋଗାଇଦେବାକୁ ପ୍ରତିଶୃତି ଦେଇଛନ୍ତି ଏବଂ ରେଡକ୍ରସ ତରଫରୁ ଦଶହଜାର ଟଙ୍କା ତୁରନ୍ତ ସାହାଯ୍ୟ ଯୋଗାଇ ଦିଆ ଯାଇଅଛି। ସେହିପରି ସତ୍ୟବାଦୀ ର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାୟ ପୂର୍ଣ୍ଣଚନ୍ଦ୍ର ଙ୍କ ଘରେ ପହଞ୍ଚି ମୃତକଙ୍କ ପରିବାରକୁ ଦଶହଜାର ପାଞ୍ଚଶହ ଟଙ୍କା ସହାୟତା ଦେବା ସହ ସହଯୋଗର ପ୍ରତିଶୃତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ସୁନୀଲ କୁମାର ପଣ୍ଡା, ଆମ୍ବା ଅଧ୍ୟକ୍ଷ ଶ୍ରୀ ମହମ୍ମଦ ଝିକିରିଆ, ସୁବାଷ ପ୍ରଧାନ, ପ୍ରକାଶ ଖଟେଇ ପ୍ରମୁଖ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରକୁ ସାହାଯ୍ୟ ର ପ୍ରତିଶୃତି ଦେଇଥିଲେ । ଇତି ମଧ୍ୟରେ ଓଡିଶା ଯାତ୍ରା ଜଗତର ଚର୍ଚ୍ଚିତ ଅଭିନେତ୍ରୀ ସୁଶ୍ରୀ ରାଣୀ ପଣ୍ଡା ମଧ ପିଡୀତ ପରିବାରଙ୍କ ପାଖରେ ଉପସ୍ଥିତ ହୋଇଏକଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇଦେବା ସହ ଏକାଦଶାହ ଦିନ ଆଠଶହ ଲୋକଙ୍କ ପାଇଁ ମହାପ୍ରସାଦର ଖର୍ଚ୍ଚର ଭରଣା କରିବା ପାଇଁ ପ୍ରତିଶୃତି ଦେଇଥିଲେ, ଯାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

# ବେଙ୍ଗ ମୁତିଲେ, ବୁଡି ଯାଉଛି ଗୋପବନ୍ଧୁ ବିହାର

## ଆଖି, କାନ ବନ୍ଦ କରିଦେଇଛନ୍ତି ସି.ଏମ୍.ସି ମେୟର ଓ କମିଶନର

କଟକ : ସାମାନ୍ୟ ବର୍ଷାରେ କଟକ ଉବୁଟୁବୁ ହୋଇଥାଏ। ସହରରୁ ଜଳ ନିଷ୍କାସନ କରିବାରେ ସିଏମସିର ବିଫଳତା କାରଣରୁ ଅନେକ ଅଞ୍ଚଳ ଜଳବନ୍ଦୀ ହେଉଥିବା ଦେଖିବାକୁ ମିଳିଥାଏ। ତେବେ ବର୍ଷା ଦିନ ସମେତ ଅଦିନିଆ ବର୍ଷା ହେଲେ ସହରବାସୀ ଜଳବନ୍ଦୀ ହେବା ଥୟ। ତେବେ ଏପରି ଜଳବନ୍ଦୀ ଅବସ୍ଥା ଲାଗି ଜାଇକା ଓ ସିଏମସିକୁ ପ୍ରମୁଖ ଭାବରେ ଦାୟୀ କରାଯାଇଛି। ସାମାନ୍ୟ ବର୍ଷା ହେଲେ ସହରର ଅନ୍ୟାନ୍ୟ ଅଞ୍ଚଳ ଛଡା ବିଶେଷକରି ସୂତାହାଟ, ନୂଆ ରାଉସାପାଟଣା, କେଶରପୁର, ମକରବା ସାହି, ପଟ୍ଟାପୋଲ ପରି ଅଞ୍ଚଳ ଜଳମଗ୍ନ ହୋଇଥାଏ। ଏମିତି ଏକ ଅଞ୍ଚଳ ହେଲା ସିଏମସିର ନୂଆ ରାଉସାପାଟଣାର ଗୋପବନ୍ଧୁ ବିହାର। ଗତ ଲଘୁଚାପ ଜନିତ ଅଦିନିଆ ବର୍ଷା ବେଳେ ଏହି ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ଆହୁରି ବଢିଯାଇଥିଲା।



ଅନ୍ୟ ବର୍ଷା ଦିନେ ତ ଏହି ଅଞ୍ଚଳରେ ରହୁଥିବା ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡେ। ତେବେ ନୂଆ ରାଉସାପଟଣା ଅଞ୍ଚଳରେ ରହୁଥିବା ପଚାଶରୁ ଅଧିକା ପରିବାର ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଥିବା କହିଛନ୍ତି। ଏହାର କାରଣ ସ୍ୱରୂପ ଜାଇକା କାମକୁ ଦାୟୀ କରାଯାଇଛି। ଛତ୍ରବଜାର ପାଖରେ ଏବେ ବି ଜାଇକା କାମ ଚାଲୁଥିବାରୁ ଓ ସେହି ସ୍ଥାନରେ ମାଟି ବନ୍ଧ କରାଯାଇ ପାଣି ଆଗକୁ ଯିବା ଲାଗି ବାଟ ଫିଟି ନଥିବାରୁ ଜଳ ଠିକ ଭାବେ ନିଷ୍କାସିତ ହୋଇ ପାରୁନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହାବାଦ ସିଏମସି ପକ୍ଷରୁ ନୂଆ ରାଉସାପାଟଣା ଅଞ୍ଚଳରେ ଠିକଣା ସମୟରେ ପମ୍ପ ଆସୁନଥିବାରୁ ସମସ୍ୟା ଆହୁରି ବଢିଥାଏ। ଯେବେ ବି ମୋଟର ପମ୍ପର ଆବଶ୍ୟକତା ପଡିଥାଏ ଖବର ଦେବାର ବହୁ ସମୟ ପରେ ସିଏମସି କର୍ତ୍ତୃପକ୍ଷ ପମ୍ପ ପଠାଇଥାନ୍ତି। ତେବେ ବର୍ଷା ଦିନ ସମେତ ଅଦିନିଆ ଲଘୁଚାପ ବର୍ଷାରେ ଏଠାରେ ଜମୁଥିବା ପାଣି ନିଷ୍କାସିତ ହୋଇ ପାରୁନଥିବାରୁ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ଅସୁବିଧାରେ ପଡୁଥିବା ଅଭିଯୋଗ କରାଯାଇଛି। ତେବେ ଏନେଇ ସମ୍ପୃକ୍ତ ବାସିନ୍ଦା କଟକ ମେୟର ଓ କମିଶନରଙ୍କୁ ବହୁବାର ଅବଗତ କରାଇବା ପରେ ବି ଏଦିଗରେ କିଛି ବି କାର୍ଯ୍ୟାନୁଷ୍ଠାନ ନେଉନଥିବା ପ୍ରତିକ୍ରିୟା ରଖୁଛନ୍ତି ସ୍ଥାନୀୟ ବାସିନ୍ଦା।

ନୂତନ ବର୍ଷର ଅଭିନନ୍ଦନ
ନବ ବର୍ଷ ୨୦୨୫ ଉପଲକ୍ଷେ ସମସ୍ତ ଭାଇ ଭଉଣୀ ଓ ଜନସାଧାରଣମାନଙ୍କୁ ଶୁଭ ଅଭିନନ୍ଦନ ।




ନୂତନ ବର୍ଷର ଅଭିନନ୍ଦନ
ନବ ବର୍ଷ ୨୦୨୫ ଅବସରରେ ସମସ୍ତ ଭାଇ ଭଉଣୀ ଓ ଗୁରୁଜନମାନଙ୍କୁ ଶୁଭ ଅଭିନନ୍ଦନ ଜଣାଉଛି। ଏହି ବର୍ଷଟି ଆପଣମାନଙ୍କ ପାଇଁ ସୁଖ, ସମୃଦ୍ଧିଭରା ହେଉବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖେ କାମନା କରୁଛି।
Dr. R P Pradhan
BHMS, MD (HOM), SCPH
Ekamrashree Awardee 2016
Dr. Pradhan's Homeopathy clinic
Mahatab Road, Old Town, Bhubaneswar
Mob-+91 9776745567/8249992020/+91 9437000458



SJ DEVELOPERS
builds assets for life
ଇଂରାଜୀ ନବବର୍ଷ ୨୦୨୫ ଉପଲକ୍ଷେ ରାଜ୍ୟର ସମସ୍ତ ଜନସାଧାରଣମାନଙ୍କୁ ଅଭିନନ୍ଦନ ଜଣାଉଛି । ଏହି ବର୍ଷଟି ଆପଣମାନଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ ।
SJ DEVELOPERS & HOUSING PRIVATE LIMITED
Corporate Office: ROYAL ARCADE, Unit No. 526 to 532, 5th Floor, Near Royal Lagoon, Nandankanan Road, Raghunathpur, Patia, Bhubaneswar- 751024, Ph.: +9338357575, Email ID: career@sjdevelopers.com

ନୂତନ ବର୍ଷର ଅଭିନନ୍ଦନ
ନବବର୍ଷ ୨୦୨୫ ଉପଲକ୍ଷେ ସମସ୍ତ ବନ୍ଧୁ ଓ ପରିବାରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
Swati Biotech
ISO 9001:2015
ସ୍ୱାତୀ ମହାପାତ୍ର
ନିର୍ଦ୍ଦେଶିକା, ସ୍ୱାତି ବାୟୋଟେକ୍
20, IDCO Industrial Estate Janla, Bhubaneswar-752054 Email : Swatibiotech0@gmail.com



# Rights of Under Trial Prisoners: The Voice of the Voiceless



Dr. Pallab Das
Dean and Associate Professor of Law, Centurion University, Bhubaneswar
drpallabd@gmail.com



Aryottansh Panigrahi
LLM (Specialization in Maritime law) Centurion University of Technology and Management
Email- panigrahiarya190@gmail.com

In any legal system the rights of undertrial prisoners reflects the very essence of justice and humanity. These individuals, accused who are not yet proven guilty, occupy a risky position in the criminal justice framework. In India, situation of undertrial prisoner is made even worse by delays in the judiciary and the lack of proper safeguards. Even though there's criminal justice framework, constitutional guarantees and international human rights norms, undertrial prisoners often endure prolonged imprisonment in inhumane conditions, deprived of their basic rights and dignity. They represent the "voice of the voiceless," fighting for recognition in a system that often ignores and marginalizes them.

A significant portion of India's prison population represents the undertrial prisoners. According to the data from the National Crime Records Bureau, over two-thirds of prisoners in Indian prisons are undertrials, these individuals often wait for years for the outcome of their trials, which is made worse by the backlog of cases in Indian courts. Even though law upholds the legal principle of "presumption of innocence until proven guilty," prolonged detention punishes undertrials before any verdict is reached. Their constitutional rights are violated by this systemic failing, especially the Article 21 i.e. right to life and liberty.

In order to protect their dignity and safeguard them from unjust detention the undertrial prisoners in India are entitled to several rights. The legal principle of presumption of innocence until proven guilty is a cornerstone of the justice system, emphasizing that undertrials should not be treated as convicts. Right to free legal aid is guaranteed under Article 39A of the Constitution for the poor and marginalized section of the society who can't afford it and is made functional through Section 341 of BNSS. Furthermore, the Supreme Court has many a times upheld that right to a speedy trial as a crucial part of Article 21, emphasizing that justice delayed is justice denied.

For defending the rights of undertrials, the National Human Rights Commission (NHRC) is very crucial. It emphasizes humane treatment, adequate medical care and the right to legal aid. The National Human Rights Commission has also issued guidelines to ensure that under trial prisoners are not detained beyond the period as per Section 479 of BNSS, which allows for the release of undertrials who have served half of the maximum sentence for the offence. In addition, the National Human Rights Commission regularly inspects prisons to monitor compliance with human rights standards and address cases of torture or inhumane conditions in prisons.

The principle of human rights emphasizes the importance of treating everyprisoner with respect anddignity. International conventions, as the Universal Declaration of Human Rights and the International Covenant on Civil and Political Rights, to which India is a signatory, approved the rights of prisoners and fair trials on humanitarian behaviour. Despite these promises, the reality in India is very different. Overcrowded prisons, deficient medical facilities, and lack of legal advice are common problems that disables their rights.

Bail and anticipatory bail act as the safeguard against arbitrary arrests. While bail serves as a sort of temporary liberty for a defendant at the pre-trial stages, anticipatory bail guards individuals from arrest where the charge may be one of a false complaint. Section 482 of BNSS governs anticipatory bail. However, these provisions are inaccessible for the individuals from the economically marginalized section of the society due to strict conditions and judicial discretion. The reluctance of judicial authorities to grant bail in certain cases, combined with the inability of economically weaker people to meet financial sureties, leads to prolonged imprisonment.

The Honourable High court of Orissa in case of Ramendu Chattopadhyay v. Union of India (CBI), have recently observed that detention of the accused without hearing for an indefinite period violates the liberty of the citizen as enshrined under Article 21 of the constitution. Ramendu Chattopadhyay was in custody for more than six years following his arrest on March 10, 2016, in connection with the Tower Infotech Limited financial fraud case. He was detained as an undertrial prisoner during this period while awaiting the completion of judicial proceedings. The principle of "justice delayed is justice denied" deeply resonates, it reminds us of the urgent need for judicial reforms to protect undertrial prisoners from becoming victims of the very system meant to ensure justice.

President Madam Draupadi Murmu has also expressed her concern time and again on detention of accused for indefinite period without hearing and delayed process of justice. It is needless to mention here that the right to liberty is a precious right guaranteed under Article 21 of the constitution, which cannot be curbed without valid and justified reasons. It is well settled that indefinite detention of a person in custody without trial may actually result in punishment without trial which is antithetical to the constitutional principles as the period of incarceration of any accused without trial violates the principle of liberty under Article 21.

The precarious situation of undertrial prisoners illustrates the inherent inequalities in the criminal justice system. It is time to look at these persons not as offenders but as persons awaiting adjudication. Protecting their rights, ensuring speedy trials, and making legal instruments like bail more accessible will help India move closer to its constitutional commitment to justice for all. Ultimately helping towards achieving an equitable society. "Justice delayed is not just justice denied; it is humanity forgotten, especially for those who wait voiceless behind bars, presumed innocent yet treated otherwise."

## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

ବନ୍ଧନ ପରିବାର ତରଫରୁ ଆପଣମାନଙ୍କୁ ନୂତନ ବର୍ଷ ୨୦୨୫ର ହାର୍ଦ୍ଦିକ ଅଭିନନ୍ଦନ

FOR EXCLUSIVE WEDDING CARDS
ବନ୍ଧନ ସୁ-ସମ୍ପର୍କ ଗଢେ
|| ବାହାଘର, ବ୍ରତଘର କିମ୍ବା କୌଣସି ଉତ୍ସବର ସମ୍ଭାର ନିମନ୍ତ୍ରଣ ପତ୍ର ଛାପିବାକୁ ଅଛି ଆମ ବନ୍ଧନ ପରିବାର ||
Bandhan ସୁ-ସମ୍ପର୍କ ଗଢେ
8260685257
WE HAVE NO BRANCH
www.bandhancards.com
0674-2310196

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର